# ମଧ୍ୟାହ୍ନଭୋଜନ ପରେ ସ୍କୁଲରେ ତାଲା

ବିଷମକଟକ ୨୧।୨
(ବିଭୂତି ଭୂଷଣ ନାୟକ)


ପଞ୍ଚାୟତ ସମିତିର ବୈଠକରେ ଆଲୋଚନା କରାଯାଉଛି।

ରାୟଗଡ଼ା ଜିଲା ବିଷମକଟକ ପଞ୍ଚାୟତ ସମିତିର ୪ର୍ଥ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷା ଯଶୋଦା ହୁଇକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ପରିଚାଳନା କରିଥିଲେ। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ଜିଲା ପରିଷଦ ସଦସ୍ୟା ବିଜୟ ଶାନ୍ତି କୁମୁରିକା, ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର କୁଶୁଲିଆ, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ମଞ୍ଚାସୀନ ଥିଲେ । ବୈଠକ ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁନନ୍ଦନ ନନ୍ଦ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଜନପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ । ବୈଠକ ବିଳମ୍ବରେ ଆରମ୍ଭ ହୋଇଥିବାରୁ ସମୟ ଅଭାବରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଚୁମ୍ବକରେ ନିଜ ନିଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନା ଏବଂ ସୁବିଧା ସୁଯୋଗ ସଂକ୍ରାନ୍ତରେ ଜନ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ତେବେ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଶିକ୍ଷକମାନେ ନିୟମିତ ଯାଉ ନ ଥିବା ଏବଂ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ କରି ବିଦ୍ୟାଳୟ ବନ୍ଦ କରିଦେଉଥିବା ବ୍ଲକ ଅଧକ୍ଷା ଯଶୋଦା ହୁଇକା ଅଭିଯୋଗ ଆଣିଥିଲେ। ଏଥିସହ ଗୋଇଲକଣା ଏବଂ ଜିଆଣିପଦରଠାରେ ରହିଥିବା ବିଦ୍ୟାଳୟଗୁଡିକ ଅପରାହ୍ନରେ ନିୟମିତ ଭାବେ ବନ୍ଦ ରହୁଥିବା ସେ ବୈଠକରେ କହିଥିଲେ। ବିଦ୍ୟାଳୟଗୁଡିକରେ ଏପରି ଅବ୍ୟବସ୍ଥା କାହିଁକି ଦେଖାଦେଉଛି ବୋଲି ବ୍ଲକ୍ ଅଧକ୍ଷା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ।

ଏହାବ୍ୟତୀତ ଶିଶୁ ବିକାଶ ପ୍ରକଳ୍ପରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିଶୁ, ଗଭର୍ବତୀ, ପ୍ରସୂତିଙ୍କୁ କୌଣସି ପୁଷ୍ଟିକର ଖାଦ୍ୟ ଦିଆଯାଉନାହିଁ । ଏପରିକି ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଫାଳେ ଲେଖାଏ ଅଣ୍ଡା ଖାଇବାକୁ ଦିଆଯାଉଥିବା ଉପସ୍ଥିତ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ । ଜଳ ଓ ପରିମଳ ବିଭାଗ ଦ୍ୱାରା କ୍ରୟ କରାଯାଇଥିବା ନଳକୂପ ପାଇପ ଅତି ନିମ୍ନମାର ହୋଇଥିବା ବୈଠକରେ ଅଭିଯୋଗ ହୋଇଛି। ଏଥିସହ ମାଳିଶିରିପୁରଠାରୁ ଘଣ୍ଟିଖାଲ, ପରିଡାଗୁଡାରୁ ଶୁକ୍ରୁପଡା ଗ୍ରାମକୁ ପ୍ରଧାନମନ୍ତ୍ରୀ ଯୋଜାନାରେ ରାସ୍ତା ନିର୍ମାଣ ନିମନ୍ତେ ବୈଠକରେ ଆଲୋଚନା କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଥିବା ବେଳେ ବ୍ଲକର ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଖରାପ ହୋଇଥିବା ସମସ୍ତ ନଳକୂପର ମରାମତି, ପାନୀୟଜଳ ଯୋଗାଣ ପ୍ରକଳ୍ପଗୁଡିକର ଠିକ୍ ରୂପେ ପରିଚାଳନା କରି ନିୟମିତ ଜଳ ଯୋଗାଣ କରିବା ନିମନ୍ତେ ଜଳ ଓ ପରିମଳ ବିଭାଗୀୟ ଅଧିକାରୀଙ୍କୁ ବ୍ଲକ ଅଧକ୍ଷା ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ଲକରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ । ଆଜିର ସମିତି ବୈଠକରେ ବ୍ଲକର ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

ଶେଷରେ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ଉପସ୍ଥିତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

**ବିଷମକଟକ ପଞ୍ଚାୟତ ସମିତି ବୈଠକ**

- ନିୟମିତ ଶିକ୍ଷକ ଆସୁ ନ ଥିବା ଅଭିଯୋଗ ଆଣିଲେ ବ୍ଲକ୍ ଅଧକ୍ଷା
- ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଦିଆଯାଉଛି ଫାଳେ ଅଣ୍ଡା
- ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

## ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ



ଛାତ୍ରୀନିବାସ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

ରାୟଗଡ଼ା,୨୧।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ତାଡ଼ମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀନିବାସର ଉଦ୍‌ଘାଟନ କରିଥିଲେ । ଏଥିରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରାୟଗଡ଼ାସ୍ଥିତ ୨(ଓ), ଏନ୍‌ସିସି(ବାଳିକା) ୱିଙ୍ଗର କର୍ଣ୍ଣେଲ ସୁଦୀପ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀନିବାସର କର୍ମଚାରୀ ପରିଚାଳନା କରିଥିଲେ। ଅଭିଭାବକମାନେ ମଧ୍ୟ ଯୋଗଦେଇଥିଲେ ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନନ୍ତ ୧.୦

ଗୁଣପୁର, ୨୧।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ବିକ୍ରମପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନନ୍ତ ୧.୦ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଶ୍ୟାମଘନ ଭୂୟାଁ (ସିଆଇ ଅଫ୍ ସ୍କୁଲ୍ସ) ଯୋଗଦେଇ ନିଜ ଅଭିଭାଷଣରେ କହିଥିଲେ, ଅଧ୍ୟୟନରେ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଭବିଷ୍ୟତ ପ୍ରତିଦୃଷ୍ଟିଦେଇ ଅଧ୍ୟୟନ କରିବା ଆବଶ୍ୟକ । ଅନ୍ୟମାନଙ୍କ ମଧ୍ୟରେ ପିଏଆଇଟିଡିଏ, ଏଡିଡବ୍ଲ୍ୟୁଓ ପ୍ରଦୀପ୍ତ କୁମାର ଦଳେଇ, ଏଡିଡବ୍ଲ୍ୟୁଓ ସୁରଜ ନାୟକ,ଡବ୍ଲ୍ୟୁଇଓ ଗଙ୍ଗାଧର ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ପାଠ ପଢିବା ସାଙ୍ଗକୁ ଖେଳକୁଦ ଓ ନାଚଗୀତକୁ ମଧ୍ୟ ଗୁରୁତ୍ୱ ଦେବାପାଇଁ କହିଥିଲେ । ଏକଲବ୍ୟ ସ୍କୁଲର ପ୍ରିନ୍ସିପାଲ ଅନନ୍ତ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶିକ୍ଷୟିତ୍ରୀ ଅଙ୍କିତା ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୀମାଞ୍ଚଳ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଖେଳକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ଅନନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶ୍ରୀମାଙ୍କ ଜୟନ୍ତୀ ପାଳିତ



ଗୁଣପୁର, ୨୧।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରସ୍ଥିତ ଅରୋଶ୍ରୀ ବିହାର ପରିସରରେ ବୁଧବାର ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ସମାଧି ନିକଟରେ ସମବେତ ଧ୍ୟାନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଶ୍ରୀମାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କୃଷ୍ଣ ଚନ୍ଦ୍ର ଭୁକ୍ତା ପତାକା ଅବତରଣ କରିଥିଲେ। ସଲୀଳା ନନ୍ଦ, ନନ୍ଦୀ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନିଃସନ୍ତାନ ଦମ୍ପତିଙ୍କଠୁ ନବଜାତକକୁ ନେଲା ଶିଶୁ ସୁରକ୍ଷା ବିଭାଗ

ଗୁଡ଼ାରି,୨୧।୨ (ପ୍ରମୋଦ କୁମାର ପତି)


ଅଧିକାରୀଙ୍କ ଉପସ୍ଥିତିରେ ଶିଶୁକୁ ପାଇଥିବା ଦମ୍ପତିଙ୍କ ସହ ଶିଶୁକନ୍ୟା।

'ମୋ ପିଲାକୁ ମୋତେ ଫେରାଇ ଦେବ ବାବୁ' ଏମିତି କୋହଭରା କଣ୍ଠରେ ଜଣେ ନିଃସନ୍ତନ ଆଦିବାସୀ ଦମ୍ପତି ମେଡିକାଲରେ ପ୍ରଶାସନକୁ ନିବେଦନ କରୁଥିଲେ। ରାୟଗଡ଼ା ଜିଲା ଗୁଡାରି ବ୍ଲକର ଅସଡା ଗ୍ରାମପଞ୍ଚାୟତରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗତ ବସନ୍ତ ପଞ୍ଚମୀ ଦିନ ଗଙ୍ଗା ଶବର ନିଜ ଗାଁ ନିକଟରେ କାର୍ଯ୍ୟ କରୁଥିବା ସମୟରେ ଏକ ଛୋଟ ଶିଶୁର କାନ୍ଦ ଶୁଣି ଖୋଜାଖୋଜି କରିବା ପରେ ଏକ ଛଣବୁଦାରୁ ନବଜାତ କନ୍ୟା ସନ୍ତାନ ପାଇଥିଲେ । ଦୀର୍ଘ ବର୍ଷ ହେବ ନିଃସନ୍ତାନ ଥିବାରୁ ଏହା ଭଗବାନଙ୍କ ବରଦାନ ଭାବି ପିଲାଟିକୁ ନିଜ ଘରକୁ ଆଣି ସ୍ତ୍ରୀଙ୍କୁ ଦେଇଥିଲେ। ଉଭୟ ଶିଶୁର ଖୁବ୍ ଯତ୍ନ ନେଇଥିଲେ ଏବଂ ଗତ ମଙ୍ଗଳବାର ଅପରାହ୍ନରେ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ଗୁଡାରି ମେଡିକାଲ ଆସିଥିଲେ। ଡାକ୍ତର ଏ ସମ୍ପର୍କରେ ଜାଣିବା ପରେ ବିଡିଓ ଅନିଶା ଦାସଙ୍କୁ କହିଥିଲେ। ବିଡିଓ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ଜିଲା ଶିଶୁ ସୁରକ୍ଷା ବିଭାଗର ଏକ ଟିମ୍ ଗୁଡାରି ଆସି ୭ଦିନର କନ୍ୟା ସନ୍ତାନକୁ ବିଡିଓ, ତହସିଲଦାର ଏ. ସ୍ନେହଲତା ଏବଂ ଡାକ୍ତରଙ୍କ ଉପସ୍ଥିତିରେ ରାୟଗଡା ନେଇଯାଇଥିଲେ। ଏ ସମ୍ପର୍କରେ ବିଡିଓ କହିଛନ୍ତି, ବର୍ତ୍ତମାନ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ଶିଶୁ ସୁରକ୍ଷା ବିଭାଗ ଆଇନ ଅନୁଯାୟୀ ଯାହା ନିଷ୍ପତ୍ତି ନେବ ଆମେ ମାନିବାକୁ ବାଧ୍ୟ। ଶିଶୁକୁ ପୁନର୍ବାର ଏହି ନିଃସନ୍ତାନ ଦମ୍ପତିଙ୍କୁ ଫେରାଇଦେଲେ ସେମାନେ ବହୁତ ଖୁସି ହେବେ ବୋଲି ସେ ପ୍ରକାଶ କରିଛନ୍ତି।

## ସୌରା ପେଣ୍ଡିଲି ପ୍ରାଥମିକ ସେବାଶ୍ରମର ବାର୍ଷିକ ଉତ୍ସବ

ଗୁଡ଼ାରି,୨୧।୨ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକର ସୌରା ପେଣ୍ଡିଲି ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୌରା ପେଣ୍ଡିଲି ସରପଞ୍ଚ ରେଣୁକା ଶବର ଏବଂ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ଶର୍ମା ଯୋଗ ଦେଇଥିଲେ। ପ୍ରଥମେ ପ୍ରଧାନ ଶିକ୍ଷକ ବାଟଲା ରବି କୁମାର ସ୍ୱାଗତ ଅଭିଭାଷଣ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ଶିକ୍ଷକ ଗିରିଧାରି ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ




ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭ୍ରମରବର ସାହୁ ଥିବାବେଳେ ମଞ୍ଚରେ ବିଭିନ୍ନ ଆଶ୍ରମ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକ ମଞ୍ଚାସୀନ ଥିଲେ । ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶିକ୍ଷକ ବିଶ୍ୱନାଥ ସାମଲ ମଞ୍ଚ ପରିଚାଳନା କରିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ମସ୍ତିଷ୍କ ବିକୃତଙ୍କ ମୃତ୍ୟୁ

ଭଞ୍ଜନଗର,୨୧।୨(ବାବୁଲା ପ୍ରଧାନ)

ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ଜିଆରସି କଲେଜ ସମ୍ମୁଖରେ ମଙ୍ଗଳବାର ରାତିରେ କୌଣସି ଗାଡ଼ି ଧକ୍କାରେ ଜଣେ ମସ୍ତିଷ୍କ ବିକୃତଙ୍କ ମୃତ୍ୟୁ ଘଟୁଛି। ଏହି ଘଟଣା ବୁଧବାର ଜଣାପଡ଼ିବା ପରେ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ସୂଚନାଯୋଗ୍ୟ ଯେ ମସ୍ତିଷ୍କ ବିକୃତ ଜଣକ ଅଧିକାଂଶ ସମୟ ସମ୍ପୃକ୍ତ ଅଞ୍ଚଳରେ ବୁଲାବୁଲି କରୁଥିଲେ।

## ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ପାଇଁ ସଚେତନତା

ଗୁଡାରି,୨୧।୨ (ପ୍ରମୋଦ କୁମାର ପତି)


ଗ୍ରାମର ବରିଷ୍ଠ ନାଗରିକଙ୍କୁ ରେଞ୍ଜର ଟ୍ରଫି ପ୍ରଦାନ କରୁଛନ୍ତି।

ଜଙ୍ଗଲ ସୁରକ୍ଷା ଦିଗରେ ବନ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ବର୍ତ୍ତମାନ ଖରାଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ଲାଗିବା ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଗୁଡ଼ାରି ରେଞ୍ଜର ଶିରିଗୁଡ଼ା ସେକ୍ସନ ଶ୍ରୀରାମରାଜୁ ଗାଁରେ ବୁଧବାର ଭଲିବଲ ଟୁର୍ନାମେଣ୍ଟ କାର୍ଯ୍ୟକ୍ରମ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଇଛି। ଟୁର୍ନାମେଣ୍ଟକୁ ଆସିଥିବା ଖେଳାଳି ଓ ଖେଳ ଦେଖିବାକୁ ଆସିଥିବା ବ୍ୟକ୍ତିଙ୍କୁ ସଚେତନ କରାଯାଇଛି। ରେଞ୍ଜର ଦିଲୀପ କୁମାର ପଟ୍ଟନାୟକ, ଡେପୁଟି ରେଞ୍ଜର ଗଙ୍ଗାଧର ମିଶ୍ର, ବନପାଳ ରାମେଶ୍ୱରୀ ସାହୁ, ବନରକ୍ଷୀ ସୀମାଞ୍ଚଳ ପଟ୍ଟନାୟକ, କଳ୍ପନା ନାୟକଙ୍କ ସହ ଅଗ୍ନି ନିରୋଧି ଟିମ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। କାର୍ଯ୍ୟକ୍ରମର ଶେଷରେ ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରିବା ସହ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରିବା ସେ ସମ୍ପର୍କରେ ଅଭିଭାଷଣ ମାଧ୍ୟମରେ ଡେପୁଟି ରେଞ୍ଜର କହିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ୧୨୧ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଦୁର୍ଗୀ,୨୧।୨ (ଶିଶିର କୁମାର ପାତ୍ର)

ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତରେ ମଙ୍ଗଳବାର ମଧୁବାବୁ ପେନ୍‌ସନ ଯୋଜନାରେ ୧୨୧ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୩ ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିଲା। ୮୦ବର୍ଷରୁ ଊର୍ଦ୍ଧ୍ୱ ୩ ଉପଭକ୍ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୧୨୦୦ ଟଙ୍କା ଲେଖାଏ ଓ ଜଣେ ଦିବ୍ୟାଙ୍ଗ ଓ ୨୯ଜଣକୁ ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଖ' ଜୋନ୍ ବିଜୟଶାନ୍ତି କୁମୁରୁକା, ସରପଞ୍ଚ ବିଜୟ କୁମୁରୁକା ଓ ୱାର୍ଡ ମେମ୍ବର ଉପସ୍ଥିତ ରହି ଭତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ପିଇଓ ପ୍ରମୋଦ କୁମାର ମିଶ୍ର ପରିଚାଳନା କରିଥିଲେ।


ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

## ୩୨ କେଜି ଗଞ୍ଜେଇ ଜବତ, ୪ ଗିରଫ

ଗୁଣପୁର,୨୧।୨(ପ୍ରଦୀପ କୁମାର ପାଢ଼ୀ)


ଜବତ ଗଞ୍ଜେଇ ସହ ଗିରଫ ୪ ଅଭିଯୁକ୍ତ।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୨ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇ କେରଳ ଏବଂ ମହାରାଷ୍ଟ୍ର ଅଞ୍ଚଳକୁ ଚାଲାଣ କରାଯାଉଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଦିନେଶ ଯାଦବ ହୋଲେ, ଧନରାଜ ୱାକ,ସୋନି ସାଜିଏବଂ ଶିବାଜୀ ଏନ୍‌କେ । ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଗୁଣପୁର, ଗୁମୁଡା, ରାମନାଗୁଡା ଏବଂ ବିଷମ କଟକ ଅଞ୍ଚଳରେ ବ୍ୟାଗ୍ ଯୋଗେ ଗଞ୍ଜେଇ ଚାଲାଣ କରାଯାଉଥିଲା। ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଯାଞ୍ଚ କରାଯିବାରୁ ଗଞ୍ଜେଇ ଚାଲାଣକାରୀ ଧରା ପଡ଼ିଥିଲେ। ଜିଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିଶ୍ୱଜିତ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଗୁଣପୁର ଅବକାରୀ ଇନ୍ସପେକ୍ଟର ପ୍ରୀତିଧାରା ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଥିଲା। ଗୁଣପୁର ଅବକାରୀ ଓଆଇସି ବି ବିଶ୍ୱେଶ୍ୱର ରାଓ, ବିଷମକଟକ ଅବକାରୀ ଓଆଇସି ଛବିରାଜ ତାଣ୍ଡି ପ୍ରମୁଖ ଗୋଟିଏ ଲେଖାଏ ମାମଲା ରୁଜୁ କରିଥିବା ବେଳେ ଗୁଣପୁର ଅବକାରୀ ଇନ୍ସପେକ୍ଟର ପ୍ରୀତିଧାରା ନାୟକ ୨ଟି ମାମଲା ରୁଜୁ କରିଛନ୍ତି ।

## ରାସ୍ତା ମରାମତି, ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

ରାୟଗଡ଼ା,୨୧।୨
(ଆଶିଷ ରଞ୍ଜନ ପଣ୍ଡା)



ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାସ୍ତା ମରାମତି ଓ ଦୁର୍ଘଟଣା ରୋକିବା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଜାତୀୟ ରାଜପଥ ବିଭାଗ ଏବଂ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବିଭିନ୍ନ ରାସ୍ତା ଓ ପୋଲ ମରାମତି କରିବା ସହିତ ଚାଳକ କିଭଳି ସତର୍କତା ଅବଲମ୍ବନ କରିବେ ସେ ଉପରେ ମତ ରଖିଥିଲେ ସଭ୍ୟ। ୩୨୬ ନମ୍ବର ଜାତୀୟ ରାଜପଥର ନାଇଡୁପେଟାଠାରେ ନୂତନ ପୋଲ ନିର୍ମାଣ ସହ ଜେକେପୁରଠାରେ ନାଗାବଳୀ ନଦୀର ପୋଲ ଓ ରାୟଗଡ଼ା ଫ୍ଲାଏଓଭର ମରାମତି ପାଇଁ ଆକଳନ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ ହୋଇଥିବା ସୂଚନା ମିଳିଛି। ସେହିଭଳି ରାୟଗଡ଼ାଠାରୁ ଜେକେପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧକରି ବ୍ୟବସାୟ କରାଯାଉଥିବା ବାରମ୍ବାର ଅଭିଯୋଗ ହେଉଛି। ପୋଲିସ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଉଚ୍ଛେଦ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ ସହର ଭିତରେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ପୌର ପରିଷଦ ଅନୁମୋଦିତ ପ୍ଲାନ୍ ଉଲ୍ଲଂଘନ କରି ପାର୍କିଂ ବ୍ୟବସ୍ଥା ନ ଥାଇ ବ୍ୟବସାୟ କରୁଛନ୍ତି ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣେ ଭାଗୁଡି, ମୁକୁନ୍ଦପୁର, ଗୁମ୍ମା, କାଳିଆପଡା ଘାଟିରେ ପରିବହନ ବିଭାଗ ପକ୍ଷରୁ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଅସିତ ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ଶିବପ୍ରସାଦ ଚୌଧୁରୀ, ଏମ୍‌ଭିଆଇ ରାଜକୁମାର ବେହେରା, ଜେକେ କାଗଜକଳ ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା, ଇମ୍ଫା ଲୋକ ସମ୍ପର୍କ ଅଧିକାରୀ ଶକ୍ତିପ୍ରସାଦ ପାଣିଗ୍ରାହୀ ଓ ସଭ୍ୟ ଗୋପ ରଞ୍ଜନ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ବିଟିଏ ଲାଗୁ ପାଇଁ ଯୁଗ୍ମ ଶ୍ରମ କମିଶନରଙ୍କ ନିକଟରେ ଦାବି

ଜୟପୁର,୨୧।୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟକୁ ଯାଇ ସେବା କାଗଜକଳର ଦୁଇଟି ଶ୍ରମିକ ସଂଘର ପ୍ରତିନିଧି ଏବଂ ଶ୍ରମିକମାନେ କମିଶନର ନରେନ୍ଦ୍ର ରାଇକାଙ୍କୁ ମଙ୍ଗଳବାର ସାକ୍ଷାତ କରିଛନ୍ତି। ୨୦୨୦ ଫେବୃଆରୀ ୨୬ରେ ଦିଲ୍ଲୀରେ ଭାରତ ସରକାରଙ୍କ ନୋଟାରି ପବ୍ଲିକ୍ ସିଲ୍ ଓ ଦସ୍ତଖତ ସମ୍ବଳିତ ୫୭ ପୃଷ୍ଠାର ବିଜ୍‌ନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ (ବିଟିଏ)କୁ ଉପସ୍ଥାପିତ କରିଥିଲେ। ଏହି ମୂଳ ବିଟିଏକୁ ଲାଗୁକଲେ ଶ୍ରମିକମାନଙ୍କ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଏବେ ଶ୍ରମିକମାନଙ୍କୁ ସମ୍ପୂର୍ଣ୍ଣ ଦରମା ମିଳୁନାହିଁ। ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ମଧ୍ୟ କିଛି ମିଳୁନାହିଁ ବୋଲି ଯୁଗ୍ମ ଶ୍ରମ କମିଶନରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଶ୍ରମିକମାନେ ସମସ୍ୟାର ସମାଧାନ ପାଇଁ ମିଳିତ ବୈଠକ ଡକାଇବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରୁ ଶ୍ରମମନ୍ତ୍ରୀଙ୍କ ସହକାରୀ ସଚିବଙ୍କ ସହ ମଧ୍ୟ ଶ୍ରମିକ ନେତାମାନେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ମିଳିତ ବୈଠକ ଡକେଇବା ପାଇଁ ଯୁଗ୍ମ ଶ୍ରମ କମିଶନର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ସରୋଜ ସୁଆର, ପ୍ରଦୀପ ପାଣ୍ଡିଆ, ବନମାଳୀ ପାତ୍ର, କେଦାର ଆଚାର୍ଯ୍ୟ, ଅଲେଖ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ
## ଅସନ୍ତୋଷ ପ୍ରକଶ କଲେ କର୍ମୀ

ନନ୍ଦପୁର, ୨୧।୨(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ଅସନ୍ତୋଷ ଦେଖା ଦେଇଥିଲା। ମଞ୍ଚ ଉପରକୁ କିଛି ଅସନ୍ତୁଷ୍ଟ ବିଜେଡି କର୍ମୀ ଲକ୍ଷ୍ମୀ ବସ ଫଟୋ ଚିତ୍ର ଥିବା ପୋଷ୍ଟର ଧରି ଚଢ଼ି ଉପସ୍ଥିତ ବ୍ଲକ କର୍ମଚାରୀ ଓ ବିଜେଡି ନେତାଙ୍କ ସହ ଯୁକ୍ତିତର୍କ କରି ଅସନ୍ତୋଷ ଜାହିର କରିଥିଲେ। ଗୋଲୁର ପଞ୍ଚାୟତ ସଦର ମହକୁମାକୁ ଲକ୍ଷ୍ମୀ ବସ ସେବା ନ ଥିବା, ବର୍ଷାଧିକ କାଳ ହେବ ଏଜିଏନଆରଇଜିଏସରେ କାର୍ଯ୍ୟ କରିଥିବା ଠିକାଦାରଙ୍କୁ ସାମଗ୍ରୀ ଦେୟ ମିଳି ନ ଥିବା ଓ ପଞ୍ଚାୟତର ୪ ଏଜିଏନଆରଇଜିଏସ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ ପରେ ସାମାଜିକ ସମୀକ୍ଷକଙ୍କ ଦାରା ଦୁର୍ନୀତିର ତଦନ୍ତ କରାଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କହି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସ କେତନ ବେହେରା, ପିଇଓ ଲକ୍ଷ୍ମୀ ନାରାୟଣ ନାୟକ, ନାଏବ ସରପଞ୍ଚ, ପୂର୍ବତନ ସରପଞ୍ଚ କାମାୟା ପାଙ୍ଗି ପ୍ରମୁଖ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବ୍ଲକ୍‌ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୁନ୍ଦୁରା,୨୧।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଶିକ୍ଷାକୁ ନେଇ ଗତ ଦିନରେ ଯେଉଁ ଭଳି ଭାବେ ଛାତ୍ରୀଛାତ୍ରମାନେ ଅଧାରୁ ପାଠ ଛାଡୁଥିଲେ ତାହା ଆଜିର ଦିନରେ ଦେଖିବାକୁ ଆଉ ମିଳୁନାହିଁ। ପ୍ରତି ଗାଁ, ପ୍ରତି ଗ୍ରାମ ପଞ୍ଚାୟତ ଏବଂ ପ୍ରତି ବ୍ଲକ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକ ରୂପାନ୍ତରଣ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଉଚ୍ଚ ବିଦ୍ୟାଳୟଗୁଡିକରେ ସ୍ମାର୍ଟ ବେଞ୍ଚ ବ୍ୟବସ୍ଥା କରିଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠ ପଢିବାକୁ ବର୍ତ୍ତମାନ ଇଚ୍ଛାଶକ୍ତି ଜାଗ୍ରତ ହୋଇଥିବା ଦେଖିବାକୁ ମିଳୁଛି ବୋଲି ଅତିଥି ରୂପେ ଉପସ୍ଥିତ ବିଡିଓ କପିଳେଶ୍ୱର ତାଣ୍ଡି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରକାଶ କରିଛନ୍ତି। ଏହି ଅବସରରେ ଏକ ବିକାଶ ପୁସ୍ତକ ଉନ୍ମୋଚନ ହୋଇଥିଲା। କୃଷି ବିଭାଗ ପକ୍ଷରୁ ସରକାରଙ୍କ ପକ୍ଷରୁ କୃଷକଙ୍କ ନିମନ୍ତେ ରହିଥିବା କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରରେ ଉପସ୍ଥିତ କୃଷକମାନେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଲାଗି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ପ୍ରତିନିଧି ରମାକାନ୍ତ ମିଶ୍ର, ଯୁବ ସଭାପତି ବିକ୍ରମ ବେହେରା, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଠିଆ,ଏବିଓ ରାମ ପ୍ରସାଦ ଦୋରା,ଜିପିଇଓ ସୁଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

# ବୋରିଗୁମ୍ମାର ୨ ରାଇସ ମିଲ୍ ମାଲିକଙ୍କୁ ମାଡ଼

ବୋରିଗୁମ୍ମା,୨୧।୨ (ବିଜୟ ସାହୁ)

- ଆକ୍ରମଣକରି ସୁନା, ଟଙ୍କା ଲୁଟିନେଲେ ଜୟପୁର ଟ୍ରକ୍ ମାଲିକ ସଂଘ ସଦସ୍ୟ
- ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ
- ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ: ସିଡିପିଓ

ଟ୍ରକ୍ ଭଡ଼ାରେ ନେବାକୁ କେନ୍ଦ୍ରକରି ଜୟପୁର ଟ୍ରକ୍ ମାଲିକ ସଂଘ ପକ୍ଷରୁ ବୋରିଗୁମ୍ମାର ୨ ଜଣ ରାଇସ ମିଲ୍ ମାଲିକଙ୍କୁ ମଙ୍ଗଳବାର ରାତିରେ ଆକ୍ରମଣ କରାଯାଇଛି। ଉଭୟଙ୍କୁ ନିସ୍ତୁକ ମାଡ଼ ମାରି ଗୋଟିଏ ଟ୍ରକ୍, ସୁନା ଚେନ୍ ଓ ଟଙ୍କା ଲୁଟି ନେଇଥିବା ରାଇସ ମିଲ୍ ମାଲିକ ସଂଘ ଥାନାରେ ଅଭିଯୋଗ କରିଛି।

ଖବରରୁ ଜଣାପଡ଼ିଛି, ରାଇସ୍ ମିଲ୍ ମାଲିକମାନେ ଧାନ ଚାଉଳ କେବେ ନିଜ ଗାଡ଼ିରେ ନିଅନ୍ତି। ନଚେତ୍ କେବେ ସଂଘ ମାଧ୍ୟମରେ ଟ୍ରକ୍‌ରେ ଧାନ ଚାଉଳ ଭଡ଼ାରେ ପରିବହନ କରିଥାନ୍ତି। ମିଲ୍ ମାଲିକମାନେ ନିଜ ଗାଡ଼ିରେ ଧାନଚାଉଳ ନେଉଥିବା ଯୋଗୁ ଜୟପୁର ଲରି ସଂଘ କର୍ମଚାରୀଙ୍କ ଟ୍ରକ୍ ବ୍ୟବହାରରେ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜୟପୁର ଲରି ସଂଘର ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଗତ ରାତିରେ ବୋରିଗୁମ୍ମା ଧୁଡ଼ଶାପାଲା ନିକଟରେ ଥିବା ରାଇସ ମିଲ୍‌ରେ ପଶି ମିଲ୍ ମାଲିକ ବି.ଶିବ କୁମାରଙ୍କୁ ମାଡ଼ ମାରିଥିଲେ। ମିଲ୍ ପରିସରରେ ରହୁଥିବା କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଶିବ କୁମାର ପିନ୍ଧିଥିବା ସୁନାଚେନ୍ ଓ ୫୦ ହଜାର ଟଙ୍କା ଲୁଟି ନେଇଥିବା ପ୍ରଦତ୍ତ ଏତଲାରେ ଅଭିଯୋଗ ହୋଇଛି। ସେହିପରି ଏହି ସଦସ୍ୟମାନେ ବୋରିଗୁମ୍ମା କୁନ୍ଦ୍ରାଗୁଡ଼ାସ୍ଥିତ ପି. ନାରାୟଣ ରାଓଙ୍କ ମିଲ୍‌କୁ ଯାଇ ମାଲିକଙ୍କୁ ମାଡ଼ମାରି ପଥରରେ ଛେଚିଦେବାକୁ ଉଦ୍ୟମ କରିଥିଲେ। ସେଠାରୁ ଖୁଦ ଭର୍ତ୍ତି ଏକ ଟ୍ରକ୍‌କୁ ଜୋର ଜବରଦସ୍ତ ଜୟପୁର ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ୨ ରାଇସ ମିଲ୍ ମାଲିକ ବୋରିଗୁମ୍ମା ଥାନାରେ ଜୟପୁର ଟାଉନର ସୁରିୟା ରାଓ, କେ.ଡାଲ ନାଇଡୁଙ୍କ ସମେତ ୫୦ ଜଣଙ୍କ ନାମରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ବୋରିଗୁମ୍ମା ପୋଲିସ କେସ୍ ନମ୍ବର ୪୯/୨୪ ଓ ୫୦/୨୪, ଦଫା ୩୯୫ ଓ ଆଟ୍ରୋସିଟି ଦଫାରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ରାଇସ ମିଲ୍ ମାଲିକ ସଂଘ ସଭ୍ୟମାନେ ଜୟପୁର ଟ୍ରକ୍ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସ୍‌ଡିପିଓ ଶୁଭେନ୍ଦୁ ଶବର ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ମିଲ୍ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ଚେତାବନୀ ଦେଇଛି।



ଆକ୍ରମଣର ଶିକାର ହୋଇଥିବା ୨ ମିଲ୍ ମାଲିକ ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ମୁଖ୍ୟ ଅତିଥି ଅଭିଭାଷଣ ଦେଉଛନ୍ତି।

ସୁନାବେଡ଼ା,୨୧।୨(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୮ ଦିନ ଧରି ଚାଲିଥିବା ଏହି ଶିବିର କଲେଜ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉତ୍ସବରେ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ନିତାନ୍ତ ଜରୁରୀ। ଏପରି ତାଲିମ ଦ୍ୱାରା ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବାର କୌଶଳ ଜାଣିବା ଆବଶ୍ୟକ। ଏହା ହେଲେ ସେମାନେ ଯେକୌଣସି ଅପ୍ରୀତିକର ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କହିଥିଲେ। ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନର ୨୩୫ ଛାତ୍ରୀ ଏବଂ ଧନ୍ଦାମୂଳକ ବିଭାଗର ୧୫ ଛାତ୍ରୀ ତାଲିମ ନେଇଥିଲେ। ମମତା ଚୌଧୁରୀ, ଯଶୋଦା ମାଝି, ଦୀପ୍ତିରାଣୀ ବଡ଼ନାୟକ,ସୁରଞ୍ଜିତା ଜାନି ଓ ରୀନା ଜାନି ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ପ୍ରାଚୀ ପରାଜିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିଶ୍ରୀ ମହାରଣା ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ସାମଲ, ଦେବଦତ୍ତ ମହାନ୍ତି, ମଧୁସ୍ମିତା କର, ରାଜେଶ୍ୱର ପାଣିଗ୍ରାହୀ, ରଶ୍ମିତା ରାଉତ,ମହୀ ହନ୍ତାଳ ପ୍ରମୁଖ ସହଯୋଗ କରିଥିଲେ।

# ନିଜ ଭାଷାକୁ ସମ୍ମାନଦେବା ଉପରେ ଗୁରୁତ୍ୱ

## କୋରାପୁଟରେ ଦେଶିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ,୨୧।୨(ଅମିତାଭ ବେହେରା)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ବୁଧବାର ଦେଶିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏଥିରେ ଯୋଗଦେଇଥିବା ଅତିଥିମାନେ ଭାଷା ବଞ୍ଚିଲେ ଆମ ସଂସ୍କୃତି ଉଜ୍ଜୀବିତ ରହିବ। ତେଣୁ ନିଜ ନିଜ ଭାଷାକୁ ସମ୍ମାନ ଦେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆୟୋଜିତ ଭାଷା ସମ୍ମିଳନୀରେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲାରୁ ଭାଷାପ୍ରେମୀମାନେ ଯୋଗ ଦେଇ କୋରାପୁଟର ଦେଶିଆ ଭାଷାର ବିକାଶ, ସମୃଦ୍ଧି ସହ ଅନ୍ତର୍ଜାତୀୟ ସ୍ତରରେ ଏହାକୁ ସମୃଦ୍ଧ ରୂପେ ଏହାକୁ ପରିଚିତ କରିବା ଏବଂ ଏହି ଭାଷାରେ ବିଭିନ୍ନ ପୁସ୍ତକ ଏବଂ ପତ୍ରପତ୍ରିକା ପ୍ରକାଶ କରିବା ନେଇ ପରାମର୍ଶ ଦେଇଥିଲେ। ପ୍ରଥମେ ପ୍ରାରମ୍ଭରେ ନିଶାଣିମୁଣ୍ଡା ହୁଣ୍ଡି ଠାକୁରାଣୀଙ୍କଠାରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଦେଶିଆ ଭାଷା ସମ୍ମିଳନୀର ସଭାପତି ଡ. ସଦାନନ୍ଦ ଅଢାରୀ ଯୋଗଦେଇ ଦେଶିଆ ଭାଷା ହିଁ ଆମ ପରିଚୟ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ସାଇମନ ବିଡ଼ିକା ଲେଖକ, କୋରାପୁଟ ଜିଲାରେ ବସବାସ କରୁଥିବା ବିଭିନ୍ନ ଜାତି ତଥା ଜନଜତି ଏବଂ ସେମାନଙ୍କ ବ୍ୟବହାରିକ ଭାଷା, ଓଡ଼ିଶାରେ ବସବାସ କରୁଥିବା ଜନଜାତି ଏବଂ ସେମାନଙ୍କ ବ୍ୟବହାରିକ ଭାଷା ଏବଂ ସାରା ଭାରତବର୍ଷର ବିଭିନ୍ନ ପ୍ରକାର ଜନଜାତି, ସେମାନଙ୍କର ଭାଷା ଉପରେ ଉପସ୍ଥାପନ କରିଥିଲେ। ଜେମାମଣି ବିଶୋୟୀ ଦେଶିଆ ଭାଷା, ଢେମସା ନାଚ, ଗୀତ, ଚଇତ ପରବ, ପୁଷ ପରବ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଦେଶିଆ ଭାଷା ସମ୍ମିଳନୀର ଆବାହକ ଗୁପ୍ତେଶ୍ୱର ପାଣିଗ୍ରାହୀ, ଗୀତକୁଡିଆନିର ମଣିମା ଶୁକ୍ରି, ଡ. ରାଜେନ୍ଦ୍ର ପାଢୀ, ସନ୍ୟାସୀ ପୂଜାରୀ, ଜଗନ୍ନାଥ ନାୟକ, ଅମିତ ନାୟକ, ଘାସିରାମ ଖରା ପ୍ରମୁଖ ଉପସ୍ଥିତ ଥିଲେ। ଦେଶିଆ ଭାଷା ସମ୍ମିଳନୀର ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ପରିଚାଳନା କରିଥିଲେ। ଶଶିଭୂଷଣ ମାଝି ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଜୟପୁର,୨୧।୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶର ପଣ୍ଡା, ପ୍ରଭାତ ରଥ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ, ଦୈନନ୍ଦିନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର, ମାତୃଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରାଇଥିଲେ । ନରେଶ ଷଡ଼ଙ୍ଗୀ ଓ ଯଜ୍ଞେଶ୍ୱର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ହିତକର ଚରତି, ଦେବେନ୍ଦ୍ର ପାଢ଼ୀ, ଦୁର୍ଗାପ୍ରସାଦ ପାତ୍ର, ତନବୀର ମହମ୍ମଦ, ଶୁଭସ୍ମିତା ସାହୁ, ବନିତା ଶତପଥୀ, ପପିତା ପ୍ରଧାନ, ରଶ୍ମିତା ନାହାକ,ପ୍ରଭାତୀ ପାଣିଗ୍ରାହୀ,ସସ୍ମିତା ଜେନାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ ଧନ୍ୟବାଦ ଦେଇଥିଲେ।

# ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ



ତାଲିମରେ ଅଂଗ୍ରହଣ କରିଥିବା ୪ବ୍ଲକର ଯୁବାମାନେ।

ଜୟପୁର,୨୧।୨(ପବନ ପାଣିଗ୍ରାହୀ)

ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଗ୍ରାମୀଣ ଯୁବାମାନଙ୍କୁ ପୋଷଣ ନିମିତ୍ତ କୃଷି ସମ୍ପର୍କିତ ୩ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୧୯ ତାରିଖରୁ ଆରମ୍ଭ ହୋଇଥିଲା। ତାଲିମପ୍ରାପ୍ତ ହୋଇ ଯୁବାମାନେ ତାଲିମଦାତା ରୂପେ ନିଜ ଅଞ୍ଚଳରେ ପୋଷଣ ଦୂରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ। ଏଥିରେ କୁନ୍ଦୁରା, ବୈପାରିଗୁଡ଼ା, କୋରାପୁଟ ଏବଂ ଲମତାପୁଟ ବ୍ଲକର ୨୬ ଜଣ ଯୁବା ଅଂଶଗ୍ରହଣ କରିଥିଲେ। ବିଶେଷଜ୍ଞ ଭାବରେ କୁନ୍ଦୁରା ବ୍ଲକ କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟ, ଜୟପୁର ଏମ୍‌ଏସ୍‌ଏସ୍‌ଆର୍‌ଏଫ୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପର, ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ପ୍ରମୁଖ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ କୃଷି ପଦ୍ଧତି ଅଣଧାନ ଜାତୀୟ ଫସଲ ମାଣ୍ଡିଆ, ସୁଆଁ, କାଙ୍ଗୁର ଚାଷ, ଛତୁଚାଷ, ପୋଷଣ ବଗିଚା ପ୍ରସ୍ତୁତି ଉପରେ ଆଲୋଚନାକରି ବିଭିନ୍ନ ପରାମର୍ଶ ଦେଇଥିଲେ।

# ହିତାଧିକାରୀଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

ନନ୍ଦପୁର, ୨୧।୨(ଶଙ୍କର ପୂଜାରୀ)


ଜଣେ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି।

ରାଜ୍ୟ ସରକାର ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ପ୍ରଦାନ କରାଯାଉଥିବା ମାସିକ ଭତ୍ତା ଟଙ୍କା ୫୦୦/୭୦୦ ଓ ୯୦୦କୁ ବୃଦ୍ଧିକରି ୧୦୦୦/୧୨୦୦ ଓ ୧୪୦୦ ଟଙ୍କା କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ବୁଧବାରଠାରୁ ଆସନ୍ତା ୨୫ ପର୍ଯ୍ୟନ୍ତ ନନ୍ଦପୁର ବ୍ଲକର ୨୩ ପଞ୍ଚାୟତର ୧୩୬୦୪ ହିତାଧିକାରୀଙ୍କୁ ପ୍ରଦାନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି। ଏହାଦ୍ୱାରା ମଧୁବାବୁ ପେନ୍‌ସନ ଯୋଜନାରେ ୬୫୮୫ ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ୭୦୧୯ ହିତାଧିକାରୀ ଉପକୃତ ହେବେ। ପ୍ରଥମ ପର୍ଯ୍ୟାୟରେ ନନ୍ଦପୁର ବ୍ଲକ ଜିଲା ପରିଷଦ ଜୋନ୍-୧ରେ ଥିବା ୧୧ ପଞ୍ଚାୟତ ମଧ୍ୟରୁ ନନ୍ଦପୁର ପଞ୍ଚାୟତର ୯୦୪ ହିତାଧିକାରୀଙ୍କୁ ବିଡିଓ ଦୋରାଙ୍କ ଉପସ୍ଥିତିରେ ଭତ୍ତା ବଣ୍ଟନ କରାଯାଇଥିଲା। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ପରିଷଦ ଜୋନ୍-୨ର ୧୩ ପଞ୍ଚାୟତର ହିତାଧିକାରୀମାନଙ୍କୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ, ୱାର୍ଡସଭ୍ୟ ଓ ଜିଲା ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ଭତ୍ତା ପ୍ରଦାନ କରାଯିବ ବୋଲି ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜ୍ଜୁନ ମାଝି କହିଛନ୍ତି।

# ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ୪୦ ହଜାର ଲୁଟ୍

ଜୟପୁର,୨୧।୨(ପବନ ପାଣିଗ୍ରାହୀ)

ଜୟପୁର ସହର ବେଢ଼ାସାହି ବାସିନ୍ଦା ଗଙ୍ଗାଧର ସାମନ୍ତରାୟଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟରୁ ୪୦ ହଜାର ଟଙ୍କା ହଡପ ହୋଇଥିବା ନେଇ ଟାଉନ ଥାନାରେ ବୁଧବାର ଅଭିଯୋଗ ହୋଇଛି। ଗଙ୍ଗାଧର ଜଣେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ। ଗତ ୧୫ ତାରିଖ ସନ୍ଧ୍ୟାରେ ସେ ଜୟପୁର ବଜାର ବ୍ରାଞ୍ଚ ଷ୍ଟାଟ ବ୍ୟାଙ୍କ ଏଟିଏମକୁ ୫ ହଜାର ଟଙ୍କା ଉଠାଇବାକୁ ଯାଇଥିଲେ। ସେ ଯେତେବେଳେ ତାଙ୍କ ଏଟିଏମକୁ ପଞ୍ଚ୍ କରିଥିଲେ ସେତେବେଳେ କୌଣସି ଟଙ୍କା ବାହାରିଲା ନାହିଁ। ଠିକ ସେହି ସମୟରେ ଏଟିଏମ ପାର୍ଶ୍ୱରେ ଥିବା ୫ ଜଣଙ୍କ ମଧ୍ୟରୁ ଜଣେ ଏଟିଏମ ଭିତରକୁ ଆସି ଗଙ୍ଗାଧରଙ୍କ ହାତରୁ ଏଟିଏମକୁ ନେଇ ପୁଣି ଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କୁ ଏଟିଏମ ପିନ ନମ୍ବର ପଚାରିଥିଲେ। ଗଙ୍ଗାଧର ତାଙ୍କୁ ପିନ ନମ୍ବର କହିଦେଇଥିଲେ। ପରେ ସମ୍ପୃକ୍ତ ଯୁବକ ଜଣକ ଚତୁରତାର ସହ କହିଥିଲେ ଏହି ଏଟିଏମ ରେ ଟଙ୍କା ନାହିଁ ଅନ୍ୟ ଏକ ଏଟିଏମକୁ ଯାଇ ଟଙ୍କା ଉଠାନ୍ତୁ। ଗଙ୍ଗାଧର ପୁଣି ଏକ ଏଟିଏମକୁ ଯାଇ ଟଙ୍କା ଉଠାଇବା ବେଳେ ପିନ ନମ୍ବର ଭୁଲ ଅଛି ବୋଲି ଜାଣିବାକୁ ପାଇଥିଲେ। ସେ ଏଟିଏମ କାର୍ଡକୁ ଭଲରୂପେ ଦେଖିଲା ପରେ ତାଙ୍କ ଏଟିଏମ କାର୍ଡକୁ ଯୁବକ ଜଣକ ବଦଳାଇ ଦେଇଥିବା ଜାଣିବାକୁ ପାଇଥିଲେ। ୭:୩୯ରେ ଥରକୁ ୧୦ ହଜାର ଲେଖାଏ ୪ ଥରରେ ୪୦ ହଜାର ଟଙ୍କା ଏଟିଏମରୁ ଟଙ୍କା ଉଠାଣ କରାଯାଇଥିବା ତାଙ୍କ ମୋବାଇଲ କୁ ମ୍ୟାସେଜ ଆସିଥିଲା। ପରେ ଗଙ୍ଗାଧର ବ୍ୟାଙ୍କ ସହ ଯୋଗାଯୋଗ କରି ଏଟିଏମକୁ ବ୍ଲକ କରିଥିଲେ। ଟାଉନ ଥାନାରେ ମଧ୍ୟ ସେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବ୍ୟାଙ୍କ ଶାଖା ପରିଚାଳକଙ୍କ ସିସିଟିଭି ଫୁଟେଜ ଦେବାରେ ବିଳମ୍ବ କରୁଥିବାରୁ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେଉଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଖବରଦାତାଙ୍କ ସୁରକ୍ଷା ଆଇନ ଲାଗୁ ନେଇ ଗୁରୁତ୍ୱାରୋପ

କୋରାପୁଟ,୨୧।୨( ଅମିତାଭ ବେହେରା)

କୋରାପୁଟସ୍ଥିତ ଟାଉନ ହଲଠାରେ ବୁଧବାର କୋରାପୁଟ ଜିଲା ସାମ୍ବାଦିକ ସଂଘର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଦିଲୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପେନଶନ, ଖବରଦାତା ସୁରକ୍ଷା ଆଇନ ଲାଗୁ ନେଇ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗଉଡ଼ ବିବରଣୀ ପାଠ କରିଥିଲେ। ଅତିଥି ରୂପେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗ ଦେଇ ଖବରଦାତାମାନେ ସର୍ବଦା ଜନସେବାରେ ରୁହନ୍ତି ଓ ସେମାନଙ୍କ ସେବା ଅତୁଳନୀୟ ବୋଲି କହିଥିଲେ। ନୀତି ଆୟୋଗ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ବାସୁଦେବ ମାଲବିଷୋୟୀ ଯୋଗଦେଇ କହିଥିଲେ, ସବୁ ଖବରଦାତା ସମାଜକୁ ଦିଗଦର୍ଶନ ଦେଇଥାନ୍ତି। ସେମାନେ ସର୍ବଦା ବିକାଶୋମୁଖୀ ସାମ୍ବାଦିକତା ପ୍ରତି ଧ୍ୟାନ ଦେବା ଉଚିତ। ଅନ୍ୟତମ ଅତିଥି ଆଇଓଭାର ଅଧ୍ୟକ୍ଷା ରଶ୍ମିତା ଟେଟେ ସାମ୍ବାଦିକ ସଂଘମାନେ ଏକ ସ୍ୱରରେ ସେମାନଙ୍କ ଦାବ ଉପସ୍ଥାପନା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋରାପୁଟର ଗର୍ବ ଓଡିଶାର ଜଣେ ମାତ୍ର ଭାରତୀୟ ସେନାରେ ଏନସିସି ପ୍ରବେଶ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୧୯ତମ ର୍‍ୟାଙ୍କରେ ରହି ଲେଫ୍ଟନାଣ୍ଟ ପଦବୀ ପାଇଥିବା ସୁଭାଶିଷ ରଥଙ୍କୁ ସମ୍ମାନିତ କରାଯାଇ ଥିଲା। ସଂଘ ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ଆଇନ ଉପଦେଷ୍ଟା ବାଲା ରାୟ, ଅଜୟ ସାହୁ, ଭବାନୀ ଶଙ୍କର ମିଶ୍ର, ଅମିତାଭ ବେହେରା, ଶଶଧର ରାଉତ, ଘନଶ୍ୟାମ ରଥ ଉପସ୍ଥିତ ଥିଲେ।


ସୁଭାଶିଷ ରଥଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

# ଉଚ୍ଚ ପଦାଧିକାରୀଙ୍କ ଅନୁପସ୍ଥିତିରୁ ପଲ୍ଲିସଭା ସ୍ଥଗିତ

ଦାମନଯୋଡି,୨୧।୨ (ମାନସ ରଞ୍ଜନ କର)


ପଲ୍ଲିସଭାରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ ।

ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ଅନୁପସ୍ଥିତି ଯୋଗୁ ହେବାକୁ ଥିବା ପଲ୍ଲିସଭାକୁ ବୁଧବାର ସ୍ଥଗିତ ରଖାଯାଇଛି। ପଟ୍ଟାଙ୍ଗିରୁ ଦାମନଯୋଡି ନାଲ୍‌କୋକୁ ବକ୍ସାଇଟ ପରିବହନ ଲାଗି ନିର୍ମାଣ ହେବାକୁ ଥିବା କନଭେୟର ବେଲ୍ଟ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଜିଲା ପ୍ରଶାସନ ଏବଂ ପଞ୍ଚାୟତ ପକ୍ଷରୁ ଏହି ପଲ୍ଲିସଭା ଆୟୋଜିତ ହୋଇଥିଲା। ଏହି ଜମି ଅଧିଗ୍ରହଣ କାର୍ଯ୍ୟ ଇଡକୋକୁ ପ୍ରଦାନ କରାଯାଇଛି। ତେବେ ପ୍ରଶାସନ ପକ୍ଷରୁ ତହସିଲଦାର, ଇଡକୋ ଅଧିକାରୀ ଏବଂ ନାଲକୋର ଉଚ୍ଚ ପଦାଧିକାରୀ ଅନୁପସ୍ଥିତ ଥିବା ବେଳେ ଯେଉଁମାନେ ଏହି ସଭାରେ ଉପସ୍ଥିତ ଥିଲେ ସେମାନଙ୍କ ଉପରେ ଗ୍ରାମବାସୀଙ୍କ ଭରଷା ନ ପାଇବା ଏବଂ ସେମାନେ ଏହା ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ପ୍ରକାଶ କରିବା ପରେ ଏହି ପଲ୍ଲିସଭା ସ୍ଥଗିତ ରଖାଯାଇଥିଲା। ଆଗାମୀ ଦିନରେ ଜିଲା ପ୍ରଶାସନିକ ଉଚ୍ଚ ପଦାଧିକାରୀ, ଇଡକୋର ଅଧିକାରୀ ଏବଂ ନାଲକୋର ଉଚ୍ଚ ପଦାଧିକାରୀମାନେ ଯେଉଁଦିନ ଉପସ୍ଥିତ ରହିବେ ସେ ପର୍ଯ୍ୟନ୍ତ ଏହି ପଲ୍ଲିସଭାକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି।

ଖବର ପ୍ରକାଶ, କୋରାପୁଟ ଜିଲା ପଟ୍ଟାଙ୍ଗିରୁ ଦାମନଯୋଡି ନାଲକୋକୁ ବକ୍ସାଇଟ ପରିବହନ ନିମନ୍ତେ ଏକ ନୂତନ କନଭେୟର ବେଲ୍ଟ ନିର୍ମାଣ କରାଯିବ। ଏହି ବେଲ୍ଟ ଲାଇନ ପାଇଁ ସ୍ଥାନୀୟ ମରିଚମାଳ ଗ୍ରାମ ଲୋକେ ଜମିହରାଉ ଥିବା ବେଳେ ସରକାର ଇଡକୋକୁ ଦାୟିତ୍ୱ ଦେଇଛନ୍ତି। ଏଥିପାଇଁ ବୁଧବାର ପଲ୍ଲିସଭା ଆୟୋଜିତ ହୋଇଥିଲା। ମରିଚମାଳ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୋରାପୁଟ ଜିଲା ପରିଷଦ ସଭ୍ୟ ମିହିର କୁଲଦୀପ, କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗର ସୁପରଭାଇଜର ଯାମିନୀକାନ୍ତ ହେରା ଏବଂ ନାଲକୋ ପକ୍ଷରୁ ଭୁବନେଶ୍ୱର କର୍ପୋରେଟ ଅଫିସରୁ ପ୍ରକଳ୍ପ ଜିଏମ ଜ୍ୟୋତିପ୍ରକାଶ ରଥ, ଡିଜିଏମ ଗୌତମ ଦାସ, ନାଲକୋ ଦାମନଯୋଡିରୁ ପ୍ରକଳ୍ପ ଜିଏମ ଚିତ୍ତରଞ୍ଜନ ପତି, ସରୋଜ ନାଥ, ବରିଷ୍ଠ ପ୍ରବନ୍ଧକ (ଖଣି) ଦେବାଶିଷ ସାହୁ, ଶୁଭଦର୍ଶିନୀ ସେନାପତି ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳବାସୀ

ନାଲ୍‌କୋ ଲୋକମାନଙ୍କୁ ଅଣଦେଖା କରିଆସୁଥିବା, ଲୋକଙ୍କୁ ସାମାନ୍ୟ କୁଲି କାମ ଟିଏ ମିଳିପାରୁ ନ ଥିବା, ନାଲକୋ ପରିଚାଳିତ ସ୍କୁଲରେ ପିଲାଙ୍କୁ ପାଠ ପଢିବା ପାଇଁ ସୁଯୋଗ ନ ମିଳିବା ଏବଂ ନାଲକୋ ଚିକିତ୍ସାଳୟରେ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ନମିଳିବା ନେଇ ଜମି ଦେଇଥିବା ମରିଚମାଳବାସୀ ଅଭିଯୋଗ କରିଥିଲେ। ଆଜିର ଏହି ପଲ୍ଲିସଭାରେ ଯେଉଁ ପ୍ରଶାସନିକ ଅଧିକାରୀ ଥିଲେ ସେ ମଧ୍ୟ ଲୋକଙ୍କ ଦାବି ପୂରଣ କରିପାରିବେ ନାହିଁ କେବଳ ଏହାକୁ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଯେଉଁ ଅଧିକାରୀ ଲୋକଙ୍କ ଅଧିକାର ଓ ସମସ୍ୟାକୁ ସମାଧାନ କରିପାରିବେ ସେମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରନ୍ତୁ ବୋଲି ଲୋକେ ଦାବି କରିବାରୁ ପଲ୍ଲିସଭାକୁ ସ୍ଥଗିତ ରଖାଯାଇଥିଲା। ଏହାକୁ ନେଇ ସେମାନେ ଆଗାମୀ ଦିନରେ ଆଇନର ଆଶ୍ରୟ ନେବେ ବୋଲି ଗ୍ରାମବାସୀ କହିଛନ୍ତି।

## ସଂକ୍ଷେପରେ

### ଶାଗୁଆନ କାଠ ଜବତ, ୪ ଗିରଫ



ଡାବୁଗାଁ, ୨୧।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ ଜଙ୍ଗଲରୁ ଶାଗୁଆନ କାଠ ଚୋରି କରିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାଲିଆଗୁଡ଼ା ଗ୍ରାମର ପଦମନ ଜାନି (୩୨), ଯତୀଶ ଭତରା (୨୫), କମଳସାଏ ଭତରା (୩୮) ଓ ଖଗେଶ୍ୱ ଭତରା (୪୨)। ସୂଚନାନୁଯାୟୀ, ସୋମବାର ରାତିରେ ଡାବୁଗାଁ ବନାଞ୍ଚଳ ଅଧୀନ ଝାଲିଆଗୁଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଖବରପାଇ ବନ ବିଭାଗ କର୍ମଚାରୀ ନିଆଁ ଲିଭାଇବାକୁ ଯାଇଥିଲେ। ନିଆଁ ଲିଭାଇବା ପରେ ୪ ଜଣ ଏକ ଶାଗୁଆନ ଗଛ କାଟି ଗଣ୍ଡି କରୁଥିବା ଦେଖି ବନ କର୍ମଚାରୀ ସେମାନଙ୍କୁ ଧରିଥିଲେ। ପରେ ଅଭିଯୁକ୍ତମାନଙ୍କୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେମାନଙ୍କଠାରୁ ୩ ଫୁଟ ଗୋଲେଇ ୬ ଫୁଟ ଲମ୍ୱା ଓ ୩ ଫୁଟ ଗୋଲେଇ ୧୫ ଫୁଟ ଲମ୍ୱାର ୨ଟି କାଠ ଗଣ୍ଡିକୁ ଜବତ କରାଯାଇଛି। ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ. ୨୧୯/୨୦୨୩-୨୪ରେ ମାମଲା ରୁଜୁ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ତଡ଼ିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ଉମାଶଙ୍କର ମିଶ୍ର, ମନୋରଞ୍ଜନ ନାୟକ, କାର୍ତ୍ତିକ ମାଝି ଓ ପାରା କର୍ମଚାରୀମାନେ ସାମିଲ ଥିଲେ।

### ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ସହାୟତା ରାଶି

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପରିବାରକୁ ୧ ହଜାର ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ ନେଇ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ନବରଙ୍ଗପୁର ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ହିତାଧିକରୀଙ୍କୁ ୧ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ, ପୌର ପରିଷଦର ୧୫ ନମ୍ବର ୱାର୍ଡ କାଉନସିଲର ନଗେନ୍ଦ୍ର କୁମାର ପଟ୍ଟନାୟକ, ମିଳନ କୁମାର ମାଝି, ବିଷ୍ଣୁପ୍ରସାଦ ରାଉତ ପ୍ରମୁଖଙ୍କ ସମେତ ପୌର ପରିଷଦର ବହୁ ହିତାଧିକାରୀ ଉପସ୍ଥିତ ଥିଲେ। ଜିଲାର ୧୦ ବ୍ଲକ ଏବଂ ଦୁଇଟି ପୌର ପରିଷଦର ୨୧୨ ଏଫ୍‌ପିଏସ୍ ସେଣ୍ଟରରେ ହିତାଧିକାରୀଙ୍କୁ ଏହା ବଣ୍ଟନ କରାଯିବ। ଜିଲାର ମୋଟ ୩ଲକ୍ଷ ୧୬ହଜାର ୬୦୩ ଜଣ ହିତାଧିକାରୀଙ୍କ ପରିବାରଙ୍କୁ ଏହି ସହାୟତା ମିଳିବ। ଜିଲାରେ ମୋଟ ୩୧,୬୬,୦୩,୦୦୦ ଟଙ୍କା ସହାୟତା ରାଶିପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି।

# ଶ୍ରେଣୀଗୃହ ଅଭାବରୁ ହୋଇପାରିଲାନି ପରୀକ୍ଷାକେନ୍ଦ୍ର

## ୧୮ କି.ମି. ଦୂରକୁ ଯାଇ ପିଲା ଦେଉଛନ୍ତି ପରୀକ୍ଷା

ପାପଡ଼ାହାଣ୍ଡି, ୨୧।୨ (ସ୍ୱପ୍ନଜିତ ପଟ୍ଟନାୟକ)

ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ବଦଳିଲା ପରୀକ୍ଷା କେନ୍ଦ୍ର। ଦୀର୍ଘ ୧୮ କି.ମି. ଦୂର ଯାଇ ଦେବାକୁ ପଡୁଛି ପରୀକ୍ଷା। ଏହାକୁ ନେଇ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଡାଲିମ୍ବଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୩ରେ ପାପଡ଼ାହାଣ୍ଡିରେ ଡାଲିମ୍ବଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏଠାରେ ନବରଙ୍ଗପୁର ଜିଲାର ୧୦ ଗୋଟି ବ୍ଲକର ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଲାଭ କରୁଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୌଣସି ନିଜସ୍ୱ ଘର ନ ଥିବା ହେତୁ ଏକ ଗୋଦାମ ଗୃହରେ ତାହା ଆରମ୍ଭ କରାଯାଇଥିଲା। ୨୦୨୧ରେ ଦଳେଇଗୁଡ଼ାରେ ବିଧାୟକ ପାଣ୍ଠିରୁ ନୂତନ ଗୃହ ନିର୍ମାଣ ପରେ ସେଠାରେ ପାଠପଢ଼ା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ତଳ କକ୍ଷରେ ଗୋଟିଏ ଶ୍ରେଣୀ ଗୃହରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ପଢୁଛନ୍ତି। ଯୁକ୍ତ ଦୁଇ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୧୯୨ ଲେଖାଏ ଛାତ୍ରୀଛାତ୍ର ଅଛନ୍ତି। ବର୍ତ୍ତମାନ ଉପର କକ୍ଷଟି ସ୍ଲାପ ଲେବଲ ହୋଇ ରହିଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉନ୍ନତି ସକାଶେ ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏପର୍ଯ୍ୟନ୍ତ ମିଳିପାରିନାହିଁ। ଶ୍ରେଣୀଗୃହ ଅଭାବ ଯୋଗୁ ଛାତ୍ରୀଛାତ୍ର ୧୮ କି.ମି. ଦୂର ମଇଦଲପୁର ପରୀକ୍ଷା ଦେବା ପାଇଁ ଯାଉଛନ୍ତି। ଏତେ ଦୂରକୁ ପରୀକ୍ଷା ଦେବାକୁ ଯାଇ ଛାତ୍ରୀଛାତ୍ର ଖର୍ଚ୍ଚାନ୍ତ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ବିଦ୍ୟାଳୟର ଟେବୁଲ ଚେୟାର ନେଇ ମଇଦଲପୁରଠାରେ ପରୀକ୍ଷା କରାଯାଉଛି ବୋଲି ଅଭିଭାବକ ଓ ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ପ୍ରିନ୍ସିପାଲ ସାନା ସାହୁଙ୍କୁ ପଚାରିବାରୁ ଶ୍ରେଣୀ ଗୃହ ଅଭାବ ଯୋଗୁ ଆମର ପରୀକ୍ଷା କେନ୍ଦ୍ର ହୋଇପାରିଲାନି। ଶ୍ରେଣୀ ଗୃହ ଅଧିକ ଥିଲେ ଏଠାରେ ପରୀକ୍ଷା କେନ୍ଦ୍ର କରିବାକୁ ଆମେ ଉପରକୁ ଜଣାଇଥାନ୍ତୁ। ଅନ୍ୟ ସମସ୍ତ କ୍ରାଇଟେରିଆ ଥିବାବେଳେ କେବଳ ଶ୍ରେଣୀ ଗୃହର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।



ଡାଲିମ୍ବ ଦେଇ କଲେଜ ଉପର ମହଲ ଅଧାପନ୍ତରିଆ ହୋଇପଡିଛି ।

# ସଚେତନ ହୋଇ ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ

## କ୍ରୀଡ଼ା, ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ପୁରସ୍କୃତ

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବେଟି ବଚାଓ, ବେଟି ପଢାଓ ଯୋଜନା ଓ ବିଜୁ କନ୍ୟା ରତ୍ନ ଯୋଜନାରେ ବାଳିକାମାନଙ୍କ ପାଇଁ ଏଚ୍‌ଏସ୍‌ସି ପରୀକ୍ଷାରେ ଜିଲାସ୍ତରୀୟ ଟପ୍ପର ଏବଂ କ୍ରୀଡ଼ା ବର୍ଗର ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନା ଅତିଥି, କୃତୀ ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ କମଲଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେରେ ଡିଏଲ୍‌ଏସ୍‌ଏ ସମ୍ପାଦକ ଜନକ ରାଉତ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କୁସଂସ୍କାର ଓ ବିଭିନ୍ନ କୁପ୍ରଥାର ବଶବର୍ତ୍ତୀ ନ ହେବା ଏବଂ ସଚେତନ ରହି ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଗକୁ ବଢ଼ିବାକୁ ଅତିଥି ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀମାନଙ୍କୁ ଭବିଷ୍ୟତରେ ଆହୁରି ଉନ୍ନତି କରିବାକୁ ଜିଲା ମଙ୍ଗଳ ଅଧିକାରୀ ଆହ୍ୱାନ କରିଥିଲେ। କେବେବି ନିଜ ପିଲାଙ୍କୁ ଅନ୍ୟ କୌଣସି ପିଲାଙ୍କ ସହ ତୁଳନା କରିବେ ନାହିଁ ବରଂ କିପରି ସେମାନଙ୍କର ଦୁର୍ବଳତାକୁ ଜାଣି ତାଙ୍କୁ ଉତ୍ସାହ କରିବା ଆବଶ୍ୟକ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମତ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ଏଲ୍‌ପିଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଶିକ୍ଷା ଏବଂ କ୍ରୀଡ଼ା ଦିଗରେ କୃତିତ୍ୱ ଅର୍ଜନ କରିଥିବା ୪୦ ଜଣ ଛାତ୍ରୀଙ୍କୁ ସମ୍ମାନପତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ବିଭାଗର ସମରେନ୍ଦ୍ର ପରିଡ଼ା, କିଷାନ ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ କମିଟିର ସନ୍ତୋଷ ଜେନା, ଉତ୍କଳ ବାଳାଶ୍ରମର ରାମକୃଷ୍ଣ ସାବତ ଏବଂ ନୀଳମଣି, ପୂର୍ଣ୍ଣଚନ୍ଦ୍ର ରାଇ ଓ ଅରୁଣାର ଜିଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ସହଯୋଗ କରିଥିଲେ। କିଶୋର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

କୋଡିଙ୍ଗା, ୨୧।୨ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା କର୍ଣ୍ଣାମାଳ ଗ୍ରାମରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ କର୍ଣ୍ଣାମାଳ ଗ୍ରାମ ହରିଜନ ସାହିର ରାଜୁ ହରିଜନଙ୍କ ପୁଅ ପ୍ରକାଶ (୬)। ଏବେ ଯାଏ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସୂଚନାନୁଯାୟୀ ବୁଧବାର ଗାଁର ପିଲାମାନେ ଖେଳୁଥିଲେ। ଏହି ସମୟରେ ବାବାଜୀ ଆଶ୍ରମ ନିକଟରେ ପ୍ରକାଶ ତଳେ ପଡିଥିବା ନେଇ ସମଦାସ ହରିଜନଙ୍କ ପୁଅ ସନୁ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପ୍ରକାଶଙ୍କ ପାଖକୁ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପରିବାର ଲୋକେ କୋଡ଼ିଙ୍ଗା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। କେସ୍ ନଂ ୩୮/୨୪ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ଏହାର ତଦନ୍ତ କରୁଥିବା କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

## ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ କର୍ମଶାଳା କରାଯାଇଛି। ବିଡିଓ ସୁନୀଲ ଖୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧକ୍ଷ ଶରତ ଭତ୍ରା, ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ଜିଲା ଜରୁରୀ କାଳୀନ ଅଧିକାରୀ ବିନାୟକ ଖାଡଙ୍ଗା, ସ୍ୱେଚ୍ଛାସେବୀ ସଙ୍ଗଠନ ସାହାରା ସମ୍ପାଦକ ମନୋଜ ଧଳ ମଞ୍ଚାସୀନ ଥିଲେ। ନବରଙ୍ଗପୁର ବ୍ଲକ ଅଧୀନ ୩୧ ଗ୍ରାମରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏକ ଖସଡ଼ା ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଜରୁରୀ କାଳୀନ କାର୍ଯ୍ୟାଳୟର ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରାକୃତିକ ବିପର୍ଯ୍ୟୟ, ପ୍ରସ୍ତୁତି ଏବଂ ଖସଡ଼ା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କମଳେଶ୍ୱରୀ ନାୟକ, ଚଞ୍ଚଳା ସାନ୍ତା, କୃଷ୍ଣଚନ୍ଦ୍ର ଭତ୍ରା, ଭି. ଅନିତା, କୁମାରୀ ରୋଜାଲିନ୍, ଆରତି ନଳିନୀ ନନ୍ଦ, ରଶ୍ମୀପ୍ରଭା ପାଣିଗ୍ରାହୀ, କାମାକ୍ଷୀ ତ୍ରିପାଠୀ, ସୁନିତା ପାତ୍ର, ଆକୁଳ ବୈରାଗୀ, ପ୍ରୟାଗ ରଞ୍ଜନ ଲିମା ବ୍ଲକ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଭାବ ରଞ୍ଜନ ଶିକଦାର ଧନ୍ୟବାଦ ଦେଇଥିଲେ ।

# ଜଳବନ୍ଦୀ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ତେନ୍ତୁଳିଖୁଣ୍ଟି, ୨୧।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ ଜଳବନ୍ଦୀ ଅଞ୍ଚଳ ଗୁରୁମାଇଗୁଡ଼ା ଗ୍ରାମରେ ଓଡ଼ିଶା ବନ ଉନ୍ନୟନ ନିଗମ ନବରଙ୍ଗପୁର ଡିଭିଜିନାଲ ମ୍ୟାନେଜର ସୌଭାଗ୍ୟ ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ଶିବିର କରାଯାଇଛି। ଶିବିରରେ ପ୍ରାୟ ୩୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଯାଇ ଔଷଧ ଦିଆଯାଇଛି। ଶିବିରରେ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା, ଦିନେଶ ପ୍ରହରାଜ, ସି.ଏଚ୍.ଓ ପ୍ରଜ୍ଞା, ଫାର୍ମାସିଷ୍ଟ ସନ୍ତୋଷ, ରୋହିତ, ରଶ୍ମିତା ପଲେଇ ବିପିଓ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଆଶାକର୍ମୀ ଓ ଅଙ୍ଗନବାଡୀ କର୍ମୀ ସହଯୋଗ କରିଥିଲେ। ନବରଙ୍ଗପୁର ବନ ଉନ୍ନୟନ ନିଗମ ସବ ଡିଭିଜନାଲ ମ୍ୟାନେଜର ମାନସ ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତନୁଜ ସାମଲ, ରବୀନ୍ଦ୍ର ଭୋଇ, ଶ୍ରୀକାନ୍ତ ଶତପଥୀ, ମନୋଜ ଲାକ୍ରା, ଦିଲ୍ଲୀପ ପାଢି ଓ ସମସ୍ତ ବନ ଉନ୍ନୟନ କର୍ମଚାରୀ ସହଯୋଗ କରିଥିଲେ। ଆଗାମୀ ଦିନରେ ଏପରେ ଆହୁରି ସ୍ୱାସ୍ଥ୍ୟ ଶିବିର କରାଯିବ ବୋଲି ଡିଭିଜନାଲ ମ୍ୟାନେଜର କହିଛନ୍ତି।




ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଭାଲୁ ଚମଡ଼ା, ନଖ ଜବତ: ୨ ଗିରଫ



ବନ ବିଭାଗ କର୍ମଚାରୀଙ୍କ ସହ ଗିରଫ ଅଭିଯୁକ୍ତ ଓ ଜବତ ଭାଲୁ ଚମଡ଼ା, ନଖ।

ଉମରକୋଟ, ୨୧।୨ (ସନ୍ତୋଷ ଶତପଥୀ)

ଭାଲୁ ଚମଡ଼ା ଘରେ ରଖିଥିବା ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଇଘର ବ୍ଲକ ଚିଙ୍ଗୁଡ଼ିଭଟା ଗ୍ରାମର ଶୁକଦେବ ଗଣ୍ଡ (୫୨) ଓ ରଇନୁ ଗଣ୍ଡ (୨୪)।

ସୂଚନାନୁଯାୟୀ, ଚିଙ୍ଗୁଡ଼ିଭଟା ଗ୍ରାମ ଖଡକା ସେକ୍ସନର ଶୁକଦେବ ଗଣ୍ଡ ଓ ରଇନୁ ଗଣ୍ଡ ନିଜ ଘରେ ଭାଲୁ ଚମଡ଼ା ରଖିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଉମରକୋଟ ବନ ବିଭାଗ ରେଞ୍ଜରଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଚିଙ୍ଗୁଡ଼ିଭଟା ଗ୍ରାମକୁ ଯାଇ ଶୁକଦେବଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଶୁକଦେବଙ୍କ ଘରୁ ଗୋଟିଏ ଭାଲୁ ଚମଡ଼ା ଓ ନଖ ଜବତ କରାଯାଇଥିଲା। ଏହାପରେ ବନ କର୍ମଚାରୀ ଶୁକଦେବ ଓ ରଇନୁଙ୍କୁ ଗିରଫ କରିଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଚଢ଼ାଉବେଳେ ରେଞ୍ଜର ଦେବସ୍ମିତା ସାହୁ, ଖଡ଼କା ଫରେଷ୍ଟର ଏମ୍‌ଡି ଅବଦୁଲ ସାମିଦ, ଫରେଷ୍ଟ ଗାର୍ଡ ସୁଧୀର ପଟ୍ଟନାୟକ, ସୁସ୍ମିତା ଲେଙ୍କା, ଟିସିଟିଏ ଲିଙ୍ଗରାଜ ସତନାମୀ ଓ ପୂର୍ଣ୍ଣଚନ୍ଦ୍ର ହରିଜନ ସାମିଲ ଥିଲେ।

# ଉତ୍କଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ



ନୂତନ କର୍ମକର୍ତ୍ତା ଓ ଅନ୍ୟମାନେ।

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ଉତ୍କଳ ପରିଷଦ ନବରଙ୍ଗପୁର ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପରିଷଦ ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କ ଆହ୍ୱାନକ୍ରମେ ଉପସଭାପତି ପ୍ରଭାସିନୀ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ବୈଠକ କରାଯାଇଛି। ବରିଷ୍ଠ ଶିକ୍ଷାବିତ ତଥା ସାହିତ୍ୟିକ ବିଜୟ କୁମାର ଚୌଧୁରୀ ସଭାପତି, ତପନ କୁମାର ବିଷୋୟୀ ସମ୍ପାଦକ, ଅଧ୍ୟାପକ ଅଖିଳ କୁମାର ଭଞ୍ଜ ସାଙ୍ଗଠନିକ ସମ୍ପାଦକ, ପ୍ରଭାସିନୀ ମହାନ୍ତି ଓ ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଉପସଭାପତି, ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ଅଧିବକ୍ତା ଗୋପାଳକୃଷ୍ଣ ପାଣିଗ୍ରାହୀ ଯୁଗ୍ମ ସମ୍ପାଦକ, ନାଟ୍ୟକାର ଜଗନାଥ ବେହେରା କୋଷାଧ୍ୟକ୍ଷ, ସୁରେଶ ମିଶ୍ର, ସିଏଚ୍ ଉଷାରାଣୀ ଏବଂ ରବିକାନ୍ତ ରଘୁରାମଙ୍କୁ କାର୍ଯ୍ୟକରାଣୀ ସଦସ୍ୟ ଭାବେ ଚୟନ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଜଗନାଥ ମହାପାତ୍ର ଓ ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଶୁଭ କାମନା ଜଣାଇଥିଲେ। ଉତ୍କଳ ଦିବସ ଓ ଅନୁଷ୍ଠାନର ପ୍ରତିଷ୍ଠା ଦିବସକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଉମରକୋଟ, ୨୧।୨ (ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ ମୁର୍ତ୍ତୁମା ପଞ୍ଚାୟତ ଅଧୀନ ସାନ ଖଡ଼କା ଗ୍ରାମରେ ବସବାସ କରୁଥିବା ବଞ୍ଜାରା ପରିବାର ପକ୍ଷରୁ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଛି। ବଞ୍ଜାରା ସମ୍ପ୍ରଦାୟର ଲୋକେ ହନୁମାନଙ୍କୁ ସେମାନଙ୍କ କୁଳ ଦେବତା ଭାବେ ପୂଜା କରନ୍ତି। ସାନ ଖଡ଼କା ଗ୍ରାମରେ ରହୁଥିବା ପ୍ରାୟ ୧୫ରୁ ୨୦ ପରିବାର ଶ୍ରମ ଓ ଅର୍ଥଦାନ କରି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ସୋମବାରରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ମହିଳାମାନେ ପୋଖରୀରୁ ପାଣି ଆଣି କଳସ ଶୋଭାଯାତ୍ରାରେ ଯାଇ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ନୂତନ ବିଗ୍ରହଙ୍କୁ ସ୍ନାନ କରାଯାଇ ମନ୍ଦିରରେ ପ୍ରବେଶ କରାଯାଇଥିଲା। ବୁଧବାର ପ୍ରାଣ ପ୍ରତିଷ୍ଠା କରଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଛି। ତପନ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜା କାର୍ଯ୍ୟ କରିଥିଲେ। ୩ଜଣ ପୁରୋହିତ ଏଥିରେ ସହଯୋଗ କରିଥିଲେ। ୩ଦିନ ଧରି ଚାଲିଥିବା ପୂଜା କାର୍ଯ୍ୟରେ ପ୍ରତିଦିନ ୨୦୦୦ରୁ ୨୫୦୦ ଲୋକଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଶେଷ ଦିନରେ ଲୋକଙ୍କ ମନୋରଞ୍ଜନ ପାଇଁ ଆଦିବାସୀ ନାଟକର ଆୟୋଜନ କରାଯାଇଛି।



# ସ୍ଥାୟୀ ଲୋକ ଅଦାଲତ, ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା

## ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ବଡ଼ଡାଇଭଟ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ଲୋକ ଅଦାଲତ ଏବଂ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଦୌରା ଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ସ୍ଥାୟୀ ଲୋକ ଅଦାଲତ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ନନ୍ଦହାଣ୍ଡି ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ରାଜ କିଶୋର ନାଗ ଏବଂ ପାରା ଲିଗାଲ ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଜାହ୍ନବୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଡିଏଲ୍‌ଏସ୍‌ଏ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



ଶିବିରରେ ଅତିଥି ଓ ଉପସ୍ଥିତ ଲୋକେ।

# ମିଷ୍ଟର ଓଡ଼ିଶାରେ ସ୍ୱର୍ଣ୍ଣ ପଦକ ଜିତିଲେ ଶଶାଙ୍କ

ନବରଙ୍ଗପୁର, ୨୧।୨ (ସଦାଶିବ ପ୍ରହରାଜ)

ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ମିଷ୍ଟର ଓଡ଼ିଶା ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୭୦ କିଲୋ ବର୍ଗରେ ନବରଙ୍ଗପୁର ବଡିବିଲ୍ଡର ସଂଘର ଶଶାଙ୍କ ଶେଖର ସାହୁ ସ୍ୱର୍ଣ୍ଣ ପଦକ, ମୋଷ୍ଟ ଇମ୍ପ୍ରୁଭ୍‌ଡ୍ ବଡିବିଲ୍ଡର ସମ୍ମାନ ସହ ପ୍ରଥମ ଉପବିଜେତା ପଦକ ଜିତିଛନ୍ତି। ସେ ବର୍ଷେ ହେବ କୋଚ ଲଲାଟେନ୍ଦୁ ପାତ୍ର (ରୋମିଓ)ଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିଆସୁଥିଲେ। ଶଶାଙ୍କ ଦ୍ୱିତୀୟ ଥର ପାଇଁ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ପୂର୍ବରୁ ସିକିମ୍‌ର ଗାଙ୍ଗଟକଠାରେ ଆୟୋଜିତ ଜାତୀୟସ୍ତରୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତାରେ ମଧ ଶଶାଙ୍କ ରୌପ୍ୟ ପଦକ ଜିତିଥିଲେ। ବୁଧବାର ସେ ନବରଙ୍ଗପୁର ଫେରିବା ପରେ ଜିଲା ପ୍ରଶାସନ ଏବଂ ନବରଙ୍ଗପୁର ବଡିବିଲ୍‌ଡର୍ସ ଆସୋସିଏସନ ପକ୍ଷରୁ ଶଶାଙ୍କ ଏବଂ ତାଙ୍କ କୋଚ ଲଲାଟେନ୍ଦୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଗୌସିକ ଫିଟ୍‌ନେସ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରେଭେନ୍ୟୁ) ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ାଧିକାରୀ ଶିବଶଙ୍କର ପାଢ଼ୀ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବପିଢ଼ିଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପଞ୍ଜାବର ଲୁଧିଆନାରେ ହେବାକୁ ଥିବା ଆଗାମୀ ଜାତୀୟସ୍ତରୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଛନ୍ତି। ଏହି ଅବସରରେ ଆମେ ନରଙ୍ଗପୁରିଆ ଗ୍ରୁପ୍ ଏବଂ ହୋଟେଲ ପୂଜାର ମୁଖ୍ୟ ବିଭୂତିଭୂଷଣ ଲେଙ୍କା ଶଶାଙ୍କଙ୍କୁ ଜାତୀୟସ୍ତରୀୟ ବଡିବିଲ୍ଡିଂ ପ୍ରତିଯୋଗିତା ପ୍ରସ୍ତୁତି ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ନିନିବାବୁ ତ୍ରିପାଠୀଙ୍କ ଦ୍ୱାରା ଶଶାଙ୍କ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳତାର ଶ୍ରେୟ ଶଶାଙ୍କ ନିଜ ମା' ବାପା ଓ କୋଚ୍‌ଙ୍କୁ ପ୍ରଦାନ କରିଛନ୍ତି। କଠିନ ପରିଶ୍ରମ କଲେ ନିଶ୍ଚିତ ଭାବେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା ବୋଲି ଶଶାଙ୍କ ଯୁବପିଢ଼ିଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। ବିକ୍ରମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବରଙ୍ଗପୁର ବଡିବିଲ୍ଡର୍ସ ଆସୋସିଏସନ ଏବଂ ଗୌସିକ ଫିଟ୍‌ନେସ ପାର୍କର ସଦସ୍ୟ ଉପସ୍ଥିତ ଥିଲେ। ସମୀର ପାତ୍ର ଧନ୍ୟବାଦ ଦେଇଥିଲେ।



ଶଶାଙ୍କ ଓ ତାଙ୍କ କୋଚଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସଂକ୍ଷେପରେ

### ପୌରାଣିକ ଆଲୁରୁ ମୁଠା ମାଉଲୀ ମା'ଙ୍କ ଯାତ୍ରା



ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିରେ ଆଲୁରୁ ମୁଠା ମାଉଲୀ ମା'ଙ୍କ ଯାତ୍ରା ଆରମ୍ଭ ହୋଇଯାଇଛି । ଚାଲାଣଗୁଡାରେ ମାଘ ଶୁକ୍ଳ ଦଶମୀ ତିଥିରେ ମା'ଙ୍କୁ ନୂଆଗୁଡା ପୁରୋହିତ ଘରୁ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ବିମାନରେ ବିଜେ କରାଇ ଶକ୍ତି ପୀଠରେ ସ୍ଥାପନ କରିଥିଲେ। ଭକ୍ତମାନେ ପାରମ୍ପାରିକ ଆଦିବାସୀ ବାଦ୍ୟ, ତୁରୀ ଓ ମାଙ୍କ ଜୟଗାନ ନାଦରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଶିରୁଆ ତଥା ପୂଜକମାନେ ମୟୂର ପୁଚ୍ଛ ଧରି ମା'ଙ୍କ ସମ୍ମୁଖରେ କାଳସୀ ନୃତ୍ୟ ପରିବେଷଣ କରିଥିଲେ। ଯାତ୍ରା ଲାଗି ଆଲୁରୁ ମୁଠାର ୪୦ ଖଣ୍ଡ ଗ୍ରାମରୁ ଲାଠି ଦେବତା ଏବଂ ଗ୍ରାମଦେବୀଙ୍କ ମିଳନ ହୋଇଥାଏ। ମାରିୱାଡା ମୁଠାକୁ ଏହି ଯାତ୍ରା ଲାଗି ସ୍ୱତନ୍ତ୍ର ନିମନ୍ତ୍ରିତ କରାଯାଇଥାଏ। ବର୍ଷ ବ୍ୟବଧାନରେ ଚାଲାଣଗୁଡା ଶକ୍ତି ପୀଠରେ ଆଦିବାସୀ ପୂଜକମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ଯାତ୍ରା ପରିଚାଳନା ଏବଂ ଶୃଙ୍ଖଳିତ କରିବା ପାଇଁ ଆଲୁରୁ ମୁଠା ମାଉଲୀ ମା' ପୂଜା କମିଟି ଗଠନ କରାଯାଇଥିଲା । ପୂଜା କମିଟି ସଭାପତି ଇର୍ମା ପଡିଆମୀ, ଚାଲାଣ ଗୁଡା ସରପଞ୍ଚ ତଥା ପୂଜା କମିଟି ସମ୍ପାଦକ ଅରକ୍ଷିତ ନାୟକ, ଉପସଭାପତି ସୀତାରାମ ଦୁରୁଆ, ପୂଜାରୀ ପ୍ରଦୀପ କୁମାର ଧାରୁଆ, ପ୍ରଫୁଲ୍ଲ କୁମର ପଣ୍ଡା, ଇନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର ଜେନା ଓ ଅନ୍ୟମାନେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦିଗରେ ପଦକ୍ଷେପ ନେଇଥିଲେ।

# ବେଷ୍ଟ ଶିକାର, ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)



ଅତିଥିମାନେ ଲୋକଙ୍କୁ ସଚେତନ କରୁଛନ୍ତି ।

ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ (ତୁଳସୀ ପାହାଡ଼)ଠାରେ ଜଙ୍ଗଲ ଜୀବଜନ୍ତୁ ପକ୍ଷୀ ସୁରକ୍ଷା ଓ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ମାଥିଲି ବନାଞ୍ଚଳ ସାଲିମି ସେକ୍ସନ ତରଫରୁ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଟେମୁରୁପାଲ୍ଲୀ ସରପଞ୍ଚ ତୁମେଶ୍ୱର ସମରଥ ଓ ଡମ୍ବରୁ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ହଲ୍‌ବି ଭାଷାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲରେ ନିଆଁ ନ ଲଗାଇବା ସହ ବେଷ୍ଟ ଶିକାର ନ କରିବାକୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା କର୍ମଚାରୀମାନେ ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା ଓ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ଦିବାକର ଜେନା, ସାଲିମି ବନପାଳ ମଞ୍ଚ ପରିଚାଳନା କରିଥିଲେ। ଟେମୁରୁପାଲ୍ଲୀ ପଞ୍ଚାୟତର ପୂଜାରିଗୁଡା, ତୁଳସୀ କେରମେଟି, ସର୍ଗିଗୁଡା, କଟେପୋଲୀ, ଜନ୍ଦ୍ରଗୁଡା, କାଇକିଗୁଡା ଓ କଦମଗୁଡା କଇଁସେରିଫୁଟ ଆଦି ଗ୍ରାମରୁ ପ୍ରାୟ ୫୦୦ ଗ୍ରାମବାସୀ ଉପସ୍ଥିତ ଥିଲେ। ବନ ବିଭାଗ ତରଫରୁ ଫରେଷ୍ଟ ଗାର୍ଡ ପାରା ଫରେଷ୍ଟ ଷ୍ଟାଫ୍, ବାଇଲ୍ଡ ଲାଇଫ, ଫାୟର ସ୍କ୍ୱାଡ୍ ଓ ବାଚର ଆଦି ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ନାୟକ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ବେଷ୍ଟ ଶିକାର ବନ୍ଦ ଓ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା ଅଭିଯାନ କରାଯିବ ବୋଲି ମତ ଦେଇଥିଲେ।

# ସୀମାନ୍ତରେ ବୋମା ଖଞ୍ଜୁଥିବା ୨ ମାଓବାଦୀ ଗିରଫ

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)



ଗିରଫ ୨ ମାଓବାଦୀ ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁରରେ ମାଓବାଦୀ ସଙ୍ଗଠନର ୨ ଜଣ ଆରପିସି ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି ସୁରକ୍ଷା ବଳ।

ସୂଚନା ଅନୁଯାୟୀ, ଉସୁର ପୋଲିସ ଏବଂ ଡିଆର୍‌ଜି ଯବାନଙ୍କ ମିଳିତ ଦଳ ମାରୁଦବାକା ଅଞ୍ଚଳରେ ତଲାସି ସମୟରେ ୨ ଜଣ ବ୍ୟକ୍ତି ସେମାନଙ୍କୁ ଦେଖି ସେଠାରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଯବାନମାନେ ସେମାନଙ୍କୁ କାବୁ ଧରି ପଚରା ଉଚରା କରିଥିଲେ। ଏହି ସମୟରେ ଉଭୟ ମାଓବାଦୀ ସଙ୍ଗଠନ ଆରପିସି ସଦସ୍ୟ କାକା ଲାଲାଇୟା ଏବଂ କାକା ରାମା ବୋଲି ଯବାନମାନଙ୍କୁ ପରିଚୟ ଦେଇଥିଲେ। ଏହି ଦୁଇଜଣ ମାଓବାଦୀ ସଙ୍ଗଠନ ପାଇଁ ବିଭିନ୍ନ ସ୍ଥାନରେ ଆଇଇଡି ବୋମା ଖଞ୍ଜିବା କାର୍ଯ୍ୟ କରୁଥିବା ମଧ୍ୟ ସ୍ୱୀକାର କରିଥିଲେ। ଉସୁର ପୋଲିସ ଥାନାରେ ତାଙ୍କ ବିରୋଧରେ ଦୁଇଟି ୱାରେଣ୍ଟ ମାମଲା ବିଚାରାଧୀନ ରହିଛି । ଏହା ଜାଣିବା ପରେ ସେମାନଙ୍କୁ ଯବାନମାନେ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି ।

# ଦ୍ୱିତୀୟ ଦିନରେ କୃଷି କର୍ମଚାରୀଙ୍କୁ ତାଲିମ

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ବୁଧବାର ଦ୍ୱିତୀୟ ଦିନରେ କୃଷି ସହ ଜଡ଼ିତ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜାମିନ ସୂର୍ଯ୍ୟ ରାଓ, ଭୁବନେଶ୍ୱରରୁ ଆସିଥିବା ମୁଖ୍ୟ କୃଷି ବୈଜ୍ଞାନିକ ଡକ୍ଟର ଏକେ ପାତ୍ର, ମୃତ୍ତିକା ବୈଜ୍ଞାନିକ ଡ. ବି.ବି. ବେହେରା, ମାଲକାନଗିରି ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଡ.ପ୍ରସନ୍ନ କୁମାର ପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସିଦ୍ଧାର୍ଥ କର, ମତ୍ସ୍ୟ ତାଲିମଦାତା ଆଶିଷ ମାନେ ଯୋଗଦେଇ କର୍ମଚାରୀମାନଙ୍କୁ ତାଲିମ ଦେଇଥିଲେ। ବିଶେଷକରି କୃଷି ବିଭାଗ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀମାନେ ନିଜ ନିଜ ଅଞ୍ଚଳର ଚାଷୀମାନଙ୍କ ନିକଟରେ ପହଞ୍ଚି ସେମାନଙ୍କର ବିଭିନ୍ନ ସମସ୍ୟା, ଚାଷ ଜମି, ଜଳସେଚନର ସୁବିଧା, ବିହନ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଥିଲା।

ଜିଲାର ଜଳବାୟୁକୁ ଆଧାରକରି କେଉଁ ଚାଷକରି ସେମାନେ ଉପକୃତ ହେଉଛନ୍ତି ସେ ତଥ୍ୟ ସଂଗ୍ରହ କରିବା ଏବଂ କେଉଁ ଚାଷ ଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି ତା'ର ତଥ୍ୟ ସଂଗ୍ରହକରି ଚାଷୀଙ୍କୁ ଗ୍ରାମରେ ଏକଜୁଟ କରାଇ ବିଭିନ୍ନ ଚାଷ ସମ୍ବନ୍ଧରେ ସୂଚନା ସହ ବୈଷୟିକ ଜ୍ଞାନକୌଶଳ ସମ୍ବନ୍ଧରେ ପରାମର୍ଶ ଦେବେ । ଜିଲାରେ ଧାନ, ରାଶି, ମାଣ୍ଡିଆ, ଚିନାବାଦାମ ଏବଂ ପନିପରିବା ଚାଷ ହେଉଥିଲା ବେଳେ ଫୁଲଚାଷ ଉପରେ ଚାଷୀମାନେ କାହିଁକି ଆଗ୍ରହ ପ୍ରକାଶ କରୁନାହାନ୍ତି ତା'ର କାରଣ ଖୋଜି ବାହାର କରିବେ । କୃଷି ଯନ୍ତ୍ରପାତି, କୀଟନାଶକ, ଖତ ସାର, ମୃତ୍ତିକା ପରୀକ୍ଷା, ଜମି ସମତଳ ଏବଂ ନିୟମ ଅନୁସାରେ ଜଳସେଚନ କିପରି କରାଯାଇପାରିବ ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ରବି ଏବଂ ଖରିପ ଫସଲ ଋତୁ ଅନୁଯାୟୀ କରିବା ଉଚିତ ବୋଲି ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ।




ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପରିବାରକୁ ଜୀବିକା ସହାୟତା ରାଶି ପ୍ରଦାନ

କୋରାପୁଟ, ୨୧।୨ (ଅମିତାଭ ବେହେରା)

ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ସମସ୍ତ ହିତାଧିକାରୀ ପରିବାରକୁ ଜୀବିକା ସହାୟତା ନିମନ୍ତେ ପ୍ରତି ପରିବାକୁ ୧ହଜାର ଟଙ୍କା ଲେଖାଏ ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର କୋରାପୁଟରେ ଶୁଭାରମ୍ଭ ହୋଇଛି। କୋରାପୁଟ ପୌରାଞ୍ଚଳ କନକଦୁର୍ଗା ମନ୍ଦିର



କଲୋନିଠାରେ ଥିବା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରଠାରେ ଏହାକୁ ଶୁଭାରମ୍ଭ କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରଥିଲେ। ପୌରାଞ୍ଚଳର ୮,୯, ୧୬ ଆଦି ୩ଟି ୱାର୍ଡରେ ଥିବା ୧୫ଟି ପରିବାରକୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା ଜିଲାର ମୋଟ ୭ ଲକ୍ଷ ୬୯ ହଜାର ୨୫୩ ଜଣ ହିତାଧିକାରୀଙ୍କ ପରିବାରକୁ ଏହି ସହାୟତା ରାଶି ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ପଣ୍ଡା କହିଛନ୍ତି। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶମ୍ଭୁନାଥ ହରପାଲ, ନୋଡାଲ ଅଧିକାରୀ ଶିବଲାଲ ସୋରେନଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବଜାର ନିରୀକ୍ଷକ ପ୍ରଭାସ ଶତପଥୀ ଓ ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ଟି.ରୋଷଣୀ ଓ ରବି ଶଙ୍କର ରାୟ ସହଯୋଗ କରିଥିଲେ ।

# ଭତ୍ତା ବଣ୍ଟନ ମେଳା




ଭତ୍ତା ପାଇଥିବା ହିତାଧିକାରୀ ।

ଗୋବିନ୍ଦପାଲି, ୨୧।୨ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତରେ ବୁଧବାର ପୂର୍ବାହ୍ନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ନୂତନ ଭାବେ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ବିଭିନ୍ନ ବିଭାଗର ୨୭ ଜଣ ହିତାଧିକରୀଙ୍କୁ ଭତ୍ତା ଦିଆଯାଇଥିଲା। ମିଶନ ଶକ୍ତି ତଥା ଓଏଲ୍‌ଏମ୍‌ର କର୍ମଚାରୀ ଚିନ୍ମୟ କୁମାର ସିଂଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ଜିଗିଡ଼ି ହିତାଧିକରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଆଗକୁ ପ୍ରତିମାସ ନିର୍ଦ୍ଧାରିତ ସମୟରେ ହିତାଧିକାରୀମାନଙ୍କୁ ନିୟମିତ ଭାବେ ଭତ୍ତା ଦିଆଯିବ ବୋଲି ଜିଗିଡ଼ି କହିଛନ୍ତି। ମଧୁବାବୁ ପେନ୍‌ସନ ଯୋଜନାରେ ୮, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୧୧,ସ୍ୱାମୀ ପରିତ୍ୟକ୍ତ ଯୋଜନାରେ ୨ ଓ ବିଧବା ଭତ୍ତା ଯୋଜନାରେ ୬ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିଲା।

# ପ୍ରତିଭା ଦେଖାଇଲେ ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବ୍ଲକ୍‌ସ୍ତରୀୟ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ**

ତେନ୍ତୁଲିଖୁଣ୍ଟି, ୨୧।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ କୁମାର ଭତ୍ରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୨ କ୍ଲଷ୍ଟରରୁ ଶହେରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ମ୍ୟୁଜିକ ଚେୟାର, ଗୀତନାଚ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏବିଇଓ ମୋହନ ମଧୁସୂଦନ ବାଘ, ମୃତ୍ୟୁଞ୍ଜୟ ମିଶ୍ର, ମହେନ୍ଦ୍ର ସାମନ୍ତରାୟ, ପଦ୍ମନାଭ ହରିଜନ, ମାଗୁଣି ସାନ୍ତା, ଯୁଗଳ କର୍କରା ଓ ଦୀପକ ମହାନ୍ତି ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବି.ଆର୍.ପି. ପ୍ରଣବ ସାହୁ ପରିଚାଳନା କରିଥିଲେ। ପ୍ରହଲ୍ଲାଦ ଗଡନ, ରମା ମହେଶ୍ୱରୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ପ୍ରଶାସନ, ବିଏସ୍‌ଏଫ୍‌ର ସ୍ୱାବଲମ୍ବୀ ପରାମର୍ଶ ଶିବିର




ଶିବିରରେ ଯୋଗ ଦେଥିବା ବିଏସ୍‌ଏଫ୍ କର୍ମକର୍ତ୍ତା ।

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ମାଓବାଦୀ ଗଡ କୁହାଯାଉଥିବା ମାଥିଲି ବ୍ଲକ ଟେମୁରପାଲି ଗ୍ରାମରେ ବିଏସ୍‌ଏଫ ଓ ଜିଲା ପ୍ରଶାସନ ପକ୍ଷରୁ ଯୁବପିଢିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି।

ସୂଚନା ଅନୁଯାୟୀ, ଆୟୋଜିତ ଏହି ଶିବିରରେ ଜିଲା ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ହରିଷ ରୂପାଲ, ଜିଲା ନିୟୋଜନ ଅଧିକାରୀ ମନସୀ ସେଠୀ, ବିଏସ୍‌ଏଫ ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୧୩୫ଜଣ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ଆଦିବାସୀ ଯୁବତୀ ଯୁବକଙ୍କୁ ରୋଜଗାରକ୍ଷମ ନିମନ୍ତେ ବିଭିନ୍ନ କୌଶଳ ବିକାଶ ତାଲିମ ପ୍ରଦାନ ଲାଗି ସଚେତନ କରଯାଇଥିଲା। ଯେଉଁଥିରେ ଯୁବତୀ ଯୁବକମାନେ ବିଭିନ୍ନ ତାଲିମ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ୪୬ ଜଣଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ନିମନ୍ତେ ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ବିଭିନ୍ନ ତାଲିମ ଓ ନିଯୁକ୍ତିଦାତା ସଂସ୍ଥା ଦ୍ୱାରା ସେମାନଙ୍କୁ ତାଲିମ ଦିଆଯିବ ବୋଲି ଜିଲା ନିୟୋଜନ ଅଧିକାରୀ ସେଠୀ କହିଛନ୍ତି ।

# ସମବାୟ ନେତୃତ୍ୱ ବିକାଶ ତାଲିମ ଶିବିର



ସମବାୟ ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି ।

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୃଷି ସମବାୟ ସମିତିର ପରିଚାଳକମାନଙ୍କର ଦୁଇ ଦିନିଆ ସମବାୟ ସମିତିର ବିକାଶ, ପରିଚାଳନା ସମ୍ବନ୍ଧରେ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜୟପୁର ସମବାୟ ପରିଷଦ ଡିଆରସିଏସ ଭୀମସେନ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆର୍‌ସିଏସ୍ ବି.ସି ନାୟକ, ଅଧ୍ୟକ୍ଷ ଏସ୍.କେ. ପାତ୍ର, ମାଷ୍ଟର ଟ୍ରେନର ଏନ୍.ସି. ମହାପାତ୍ର ପ୍ରମୁଖ ଉପସ୍ତିତ ଥିଲେ। ମାଲକାନଗିର ଜିଲାର ସମସ୍ତ ୮ଲ୍ୟାମ୍ପସ୍ ନିର୍ଦ୍ଦେଶକ ଅଂଶଗ୍ରହଣ କରିଥିଲେ। ଲ୍ୟାମ୍ପସ୍ ପରିଚାଳନା ପାଇଁ ଆଇନ, ବାର୍ଷିକ ସାଧାରଣ ସଭା, ପ୍ରସ୍ତାବ ଅନୁଯାୟୀ ପୁଙ୍ଖାନୁପୁଙ୍ଖ ଆଲୋଚନା, ପ୍ରତିବର୍ଷ ଅଡିଟ୍, ଲ୍ୟାମ୍ପସ୍ ଲାଭାଂଶରୁ ବିଭିନ୍ନ ସଂସ୍ଥାକୁ ଅନୁଦାନ, ଋଣ ନେଇ ନ ଶୁଝିବାର କାରଣ ଏବଂ ଋଣ ଆଦାୟର ମାର୍ଗ ଇତ୍ୟାଦି ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା । ଜିଲାର ଅନେକ ଲ୍ୟାମ୍ପସ୍ ବାର୍ଷିକ ଅଡିଟ ହେଉ ନ ଥିବାରୁ ପରିଚାଳନାରେ ଆର୍ଥିକ ଅନିୟମିତତା ହେଉଥିବା ସନ୍ଦେହ କରାଯାଉଛି। ଅନେକ ଋଣଧାରୀ ଛାଡ ବାହାନାରେ ଋଣ ସୁଝୁ ନ ଥିବାରୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଯେଉଁ ଲ୍ୟାମ୍ପସ୍ ଗୁଡିକରେ ବାର୍ଷିକ ଅଡିଟ କିମ୍ବା ସମ୍ମିଳନୀ ହୋଇନାହିଁ ତୁରନ୍ତ ସମ୍ମିଳନୀ ମାଧ୍ୟମରେ ଅଡିଟ କରିବା ପାଇଁ କାର୍ଯ୍ୟାଳୟକୁ ସୁପାରିଶ କରିବାକୁ ପରାମର୍ଶ ଦିଆଯାଇଥିଲା।

# ପରିବାର ସମ୍ପର୍କ ଅଭିଯାନ, ବିଜେଡିରେ ମିଶିଲେ ୪୮

କାଲିମେଲା, ୨୧।୨ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତର ଏମ୍‌ପିଭି–୨୬ ଗ୍ରାମରେ ଥିବା ପାୱାର ହାଉସ ଗେଷ୍ଟ ହାଉସ ପରିସରରେ ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ନବୀନ ପଟ୍ଟନାୟକ ସରକାରଙ୍କ ଜନିତ ହିତକାରୀ ଓ ଲୋକାଭିମୁଖୀ ଯୋଜନାରେ ପ୍ରଭାବିତ ହୋଇ ଗୁମ୍ପାକୋଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରୁ କଂଗ୍ରେସ ଓ ଭାଜପା ଛାଡ଼ି ୪୮ ଜଣ ବିଜେଡିରେ ସାମିଲ ହୋଇଛନ୍ତି। ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କଲ୍ୟାଣ କାର୍ଯ୍ୟ ଲୋକଙ୍କ ପାଇଁ କରିବା ଲକ୍ଷ୍ୟ ନେଇ ଗମ୍ପାକୋଣ୍ଡା ପଞ୍ଚାୟତ ଏମ୍‌ପିଭି ୨୬, ଏମ୍‌ପିଭି ୨୫, ଏମ୍‌ପିଭି.୨୭,ଏମ୍‌ପିଭି ୨୪,ଏମ୍‌ଭି.୬୬ ଓ ଏରାକୁଣ୍ଡା ଗ୍ରାମର ଶତାଧିକ ଲୋକ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶାଳ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବିଜୁ ଜନତା ଦଳ ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ବରିଷ୍ଠ ବିଜେଡି କର୍ମୀ ଜେ. ଶ୍ରୀନିବାସ ରାଓ, ତପନ ସେନା ଓ ଗୁମ୍ପାକୋଣ୍ଡା ସମିତି ସଭ୍ୟ ଗଙ୍ଗା ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ । ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା ଭାଜପା ଓ କଂଗ୍ରେସ କର୍ମୀ ।

# ୧୧୦ ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳନୀ

ମାଲକାନଗିରି, ୨୧।୨ (ଦୁର୍ଯ୍ୟୋଧନ ପାତ୍ର)



ସମ୍ମିଳନୀରେ ଯୋଗ ଦେଇଥିବା ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ।

ମାଲକାନଗିରି ସଦର ବ୍ଲକ ବୀରଲକ୍ଷ୍ମଣପୁର ସଦର ପଞ୍ଚାୟତରେ ୧୧୦ ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ହରେ ରାମ ନାମରେ ପ୍ରକମ୍ପିତ ହୋଇଉଠିଥିଲା ବୀରଲକ୍ଷ୍ମଣପୁର । ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଂଗଠନ ସଭାପତି ଅନାଦି କଡେଙ୍କ ତତ୍ତ୍ୱାବଧାନରେ ଗ୍ରାମର ମହିଳାମାନେ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ହରେ କୃଷ୍ଣ ହରେ ରାମ ନାମ ସଂକୀର୍ତ୍ତନ କରିଥିଲେ। କଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ମାଲକାନଗିରି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଯୋଗଦେଇ ପୁରାଣ ସମ୍ବନ୍ଧୀୟ ତଥ୍ୟକୁ ମନେ ରଖିବା ଏବଂ ଲୁକ୍କାୟିତ କଳା ସଂସ୍କୃତିକୁ ଉଜ୍ଜୀବିତ କରି କଳାକାରମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବୀରଲକ୍ଷ୍ମଣପୁରରେ ଏହି କାର୍ଯ୍ୟକ୍ରମକୁ ପ୍ରସଂସା କରିବା ସହ ଆଗାମୀ ଦିନରେ ଏହି କଳା ସଂସ୍କୃତି ଯେପରି ବଞ୍ଚି ରହିବ ସେଥିପାଇଁ ସରକାର ସମସ୍ତ ସହଯୋଗ କରିବେ ବୋଲି ମାଝି ପ୍ରକାଶ କରଥିଲେ। ବିଭିନ୍ନ ଗ୍ରାମରେ ପୂର୍ବରୁ ଥିବା ନଦିଆ ଘର ଲୋପପାଇ ଯାଇଥିବା ବେଳେ ଏହାର କିପରି ପୁନର୍ଜୀବିତ ହେବ ଏବଂ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ, ସଂକୀର୍ତ୍ତନ ସହ ପୁରାଣ ଚର୍ଚ୍ଚାହେବ ସେଥିପାଇଁ ସରକାର ସହଯୋଗ କରିବା ସହ ଯୁବପିଢ଼ି ଏଥିରେ ସାମିଲ ହେବାପାଇଁ ରାବା ପରାମର୍ଶ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ ମଣ୍ଡଳୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

